ଭଗବାନଙ୍କ ସୁନ୍ଦର ସୃଷ୍ଟିରେ ଶିଶୁଟିଏ ଅମୃତ ସଦୃଶ୍ୟ । ଜୀବନ ସଙ୍ଗଠନରେ ଶିଶୁ ଭୂମିକା ଯେତେ ପ୍ରଭାବଶାଳୀ ହୁଏ, ସମାଜ ଓ ଦେଶର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହୁଏ । ଗଭୀର ସ୍ନେହ ସୌହାର୍ଦ୍ଦ୍ୟ ଭିତରେ ପରିବାରରେ ପିଲାଟି ବଢ଼ିଥାଏ ଓ ଏକ ସୁସ୍ଥ ପରିବେଶରେ ତା'ର ଶାରୀରିକ, ମାନସିକ ଓ ନୈତିକ ଜୀବନର ମୂଳଦୁଆ ପଡ଼ିଥାଏ । ପରବର୍ତ୍ତୀ ସମୟରେ ସମାଜ ନିର୍ମାଣରେ ସେସବୁକୁ ଉପଯୋଗ କରିବାର ସେମାନେ ସାମର୍ଥ୍ୟ ଅର୍ଜନ କରନ୍ତି ।

ମୋର ଆଶା ଓ ବିଶ୍ୱାସ, ଆମ ରାଜ୍ୟର ପିଲାମାନେ ନିଜର ପ୍ରତିଭା ବଳରେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ଏବଂ ଆମ ରାଜ୍ୟକୁ ବିକଶିତ କରିବା ଦିଗରେ ସହଯୋଗ କରିବେ ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶିଶୁ ଦିବସ, ଜବାହରଲାଲ ନେହେରୁଙ୍କ ଜୟନ୍ତୀ

# ଅନ୍ତର୍ଜାତୀୟ ସହାୟତା ଅଭାବ



ଡାଭିଡ୍ ମିଲିବ୍ୟାଣ୍ଡ

ଚଳିତ ବର୍ଷ ଜାନୁଆରୀରୁ ଅନ୍ତର୍ଜାତୀୟ ସହାୟତା କ୍ଷେତ୍ରରେ ଆମେରିକା ଭୂମିକାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ପଦକ୍ଷେପ କ୍ରମେ ଅନେକ ସଂସ୍ଥାକୁ ବନ୍ଦ କରିଛି, ନୀତିଗୁଡ଼ିକୁ ବଦଳାଇଦେବା ସହ ପାଣ୍ଠି ଯୋଗାଣ ହ୍ରାସ କରିଛି। ତେବେ ଆମେରିକାର ନୀତିରେ ଅନ୍ତର୍ଜାତୀୟ ସହାୟତା ବ୍ୟବସ୍ଥା କିମ୍ବା ବିଶ୍ୱର ଅତି ଗରିବ କ୍ଷେତ୍ରରେ ଆଗକୁ କ'ଣ ଘଟିବ ତାହା ଏବେ ଅସ୍ପଷ୍ଟ ରହିଛି। ଆମ ଜାଣିବାରେ ଏ କ୍ଷେତ୍ରରେ ଯେଉଁ ବିରାଟ ଅନ୍ତର ସୃଷ୍ଟିହୋଇଛି ତାହା ତୁରନ୍ତ ଦୂରହେବା ଦରକାର। ଏବକାର ସ୍ଥିତିକୁ ମୁକାବିଲା କରିବା ଅତ୍ୟନ୍ତ ଜରୁରୀ। ସେଥିପାଇଁ ବିଶ୍ୱବ୍ୟାଙ୍କ ନିକଟରେ ବିଶ୍ୱର ଅତି ଦରିଦ୍ର ଲୋକଙ୍କ ପାଇଁ ତାହାର ଆକଳନକୁ ସଂଶୋଧନ କରିଛି। ଅତି ଗରିବ କହିଲେ ଯେଉଁମାନେ ଦିନକୁ ମାତ୍ର ୩ ଡଲାରରେ ବଞ୍ଚୁଛନ୍ତି । ଏମାନଙ୍କ ସଂଖ୍ୟା ଏବେ ୮୩୧ ମିଲିୟନ, ଯାହା ବିଶ୍ୱ ଜନସଂଖ୍ୟାର ପାଖାପାଖି ୧୦%। ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ଅଧା ଦୁର୍ବଳ ତଥା ସଂଘର୍ଷ ବା ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକରେ ରହୁଛନ୍ତି ଏବଂ ଏହି ସଂଖ୍ୟା ଆଗାମୀ ୫ ବର୍ଷରେ ଦୁଇ ତୃତୀୟାଂଶ ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଛି। ତେବେ ଏଭଳି ଦେଶଗୁଡ଼ିକର ଜନସଂଖ୍ୟା ମଧ୍ୟରୁ ପାଖାପାଖି ୪୦% ଏବେ ମଧ୍ୟ ୩ ଆମେରିକୀୟ ଡଲାରରୁ କମ୍‌ରେ ବଞ୍ଚୁଥିବାବେଳେ ତୁଳନାତ୍ମକ ଭାବେ ବିକାଶଶୀଳ ଦେଶଗୁଡ଼ିକରେ ମାତ୍ର ୬% ଗରିବ ଏତିକି ଅର୍ଥରେ ଜୀବନ କାଟୁଛନ୍ତି।

ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାଶନାଲ ରେସ୍‌କ୍ୟୁ କମିଟି (ଆଇଆର୍‌ସି) ବା ଅନ୍ତର୍ଜାତୀୟ ଉଦ୍ଧାର ସମିତି କେଉଁ ସବୁ ଦେଶ ପାଇଁ ସହାୟତା ଅଧିକ ଦରକାର ତାହା ସ୍ଥିର କରିବା ପାଇଁ ସ୍ଥିତିର ଆକଳନ କରିଛି। ମୁଁ ଆଇଆର୍‌ସି ସହ ଜଡ଼ିତ ଏବଂ ଆମେ ଏଭଳି ୧୩ଟି ଦେଶର ତାଲିକା ପ୍ରସ୍ତୁତ କରିଥିଲୁ। ସୁଦାନରେ ବିଶ୍ୱର ସବୁଠୁ ବଡ଼ ମାନବୀୟ ସଙ୍କଟ ରହିଛି। ଦେଖିବାକୁ ଗଲେ ବିଶ୍ୱରେ ଥିବା ଅତି ଗରିବଙ୍କ ମଧ୍ୟରୁ ୨୬% ଏହି ୧୩ଟି ଦେଶରେ ରହୁଛନ୍ତି, କିନ୍ତୁ ସେମାନଙ୍କୁ ଅନ୍ତର୍ଜାତୀୟ ସହାୟତାର ମାତ୍ର ୯% ଦିଆଯାଇଛି। ଏହା ଦର୍ଶାଉଛି ଯେ, ୩୫ ବିଲିୟନ ଡଲାର ପାଣ୍ଠିର ଅଭାବ ରହିଛି।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଆରମ୍ଭ କରିଥିଲା। ସେବେଠାରୁ ୟୁକ୍ରେନ୍ ବିଶ୍ୱରେ ସବୁଠୁ ଅଧିକ ସହାୟତା ପାଇଛି। ତେବେ ୟୁରୋପୀୟ ଦେଶଗୁଡ଼ିକ ନିଜ ଦେଶରେ ଶରଣାର୍ଥୀ ଥଇଥାନ ଦିଗରେ ଅଧିକ ପାଣ୍ଠି ଖର୍ଚ୍ଚ କରୁଛନ୍ତି, ଯାହାକୁ 'ବିଦେଶୀ ସହାୟତା' ଭାବେ ବର୍ଗୀକୃତ କରାଯାଇଛି। ତେବେ ଏହି ଖର୍ଚ୍ଚ ବିଶ୍ୱରେ ଦିଆଯାଇଥିବା ସହାୟତା ପାଣ୍ଠିର ପାଖାପାଖି ୧୪ ପ୍ରତିଶତ ଏବଂ ମାନବୀୟ ସହାୟତାରେ ମୋଟ ବ୍ୟୟ ହୋଇଥିବା ପାଣ୍ଠି ସହ ପ୍ରାୟ ସମାନ। ଏଣୁ ଆମେରିକାର ପାଣ୍ଠି ଯୋଗାଣ ହ୍ରାସକୁ ବାଦ୍‌ଦେଇ ବିଶ୍ୱ ସମୁଦାୟ ବିଭଳି ସହାୟତା ବ୍ୟବସ୍ଥା ଠିକ୍ ଭାବେ କାମ କରିବ ତା' ଉପରେ ନୂତନ ବିଚାର କରିବା ଆବଶ୍ୟକ। ପ୍ରଥମେ ଦରିଦ୍ରତମ ଦେଶଗୁଡ଼ିକରେ ଥିବା ଅତି ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନ ସହାୟତା ଉପରେ ଆମକୁ ଧ୍ୟାନଦେବା ଉଚିତ, ଯାହା ବୈଶ୍ୱିକ ସହାୟତା ବଜେଟର ୯୦ ପ୍ରତିଶତରୁ ଅଧିକ। ଅର୍ଥାତ୍ ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ୫୦% ଦୁର୍ବଳ ତଥା ସଂଘର୍ଷ ପ୍ରଭାବିତ ଦେଶଗୁଡ଼ିକରେ ରହୁଥିବାବେଳେ ଏହିସବୁ ଦେଶକୁ ବୈଶ୍ୱିକ ସହାୟତା ବଜେଟର ମାତ୍ର ୨୫% ଦିଆଯାଉଛି। ଏଣୁ ଏଭଳି ପାର୍ଥକ୍ୟ ଦୂରକରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।



ଦ୍ୱିତୀୟରେ ପୂର୍ବ ଆଫ୍ରିକାରେ ଆଇଆର୍‌ସି ନେତୃତ୍ୱରେ ଚାଲୁଥିବା ଗୋଷ୍ଠୀ ଆଧାରିତ ଟିକା ଅଭିଯାନ ଭଳି ତଥ୍ୟ ଆଧାରିତ, ପ୍ରମାଣିତ ଏବଂ ତଥା ଅଧିକ ଲାଭ ଦେଉଥିବା କାର୍ଯ୍ୟକ୍ରମକୁ ସମ୍ବଳ ଯୋଗାଇଦେବା ଦରକାର। ଆଇଆର୍‌ସି ସେଠାରେ ପ୍ରତ୍ୟେକ ଟିକାକୁ ୨ ଡଲାରରେ ୨୦ ମିଲିୟନ ଟିକା ଯୋଗାଇଦେଇଥିଲା। ଆମେ ମଧ୍ୟ ସ୍ଥାୟୀ ଭାବେ ରହିଥିବା ମଧ୍ୟମ ଓ ଗମ୍ଭୀର ଅପପୁଷ୍ଟିର ଚିକିତ୍ସା ପାଇଁ ଏକ ସରଳୀକୃତ ପ୍ରକ୍ରିୟା ସକାଶେ ପ୍ରସ୍ତାବ ଦେଇଛୁ। ଆମ ଅନୁଧ୍ୟାନରେ ମାଲିର ଗମ୍ଭୀର ଅପପୁଷ୍ଟିରେ ଶିକାର ୨୭,୮୦୦ ଶିଶୁଙ୍କୁ ସାମିଲ କରିଥିଲୁ ଏବଂ ଆମେ ଚିକିତ୍ସା ଖର୍ଚ୍ଚ ୨୦% କମ୍ କରିଥିଲୁ। କିନ୍ତୁ ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାକୁ ହେଲେ ଡୋନରମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ଫଳରେ ସେମାନଙ୍କ ପଦକ୍ଷେପ ବିଫଳତା ବଦଳରେ ସାମଗ୍ରିକ ଭାବେ ସଫଳତା ଦେବ।

ତୃତୀୟରେ କାର୍ଯ୍ୟକ୍ରମ, ବିତ୍ତୀୟ ଓ ଯୋଗାଣ ବ୍ୟବସ୍ଥାରେ ଅଧିକ ନୂତନତ୍ୱ ଦରକାର। ଉଦାହରଣ ସ୍ୱରୂପ, ଆଫ୍ରିକାରେ ମଙ୍କିପକ୍ସ ଚିହ୍ନଟ ପାଇଁ ୨ ସପ୍ତାହ ଲାଗିଯାଉଥିଲା, ହେଲେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏହାକୁ ମାତ୍ର ୫ମିନିଟ୍‌ରେ କରିପାରୁଛି। ସଂଘର୍ଷ ଓ ବିପର୍ଯ୍ୟୟ ସମୟରେ ଯେଉଁ ପିଲାମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି ସେଠାରେ ସେମାନଙ୍କ ସଫଳ ଶିକ୍ଷାଦାନରେ ଟେକ୍‌ନୋଲୋଜି କିଭଳି ସାହାଯ୍ୟ କରୁଛି ତାହା ମଧ୍ୟ ଆମେ ଦେଖିଛୁ। ତେବେ ନୂତନତ୍ୱ ପାଇଁ ପୁଞ୍ଜିର ନୂତନ ପ୍ରତିବଦ୍ଧତା ଅବଶ୍ୟକ। ବିପର୍ଯ୍ୟୟ ସଙ୍କଟ ପାଣ୍ଠି ଯୋଗାଣ ବ୍ୟବସ୍ଥା ତୁରନ୍ତ ସହାୟତା ଯୋଗାଇ ଦେଇଥାଏ। ଏହାର ଉଦାହରଣ ହେଉଛି ପାରାମେଟ୍ରିକ୍ ଇନ୍ସ୍ୟୁରାନ୍ସ, ଯାହା ବାସ୍ତବ କ୍ଷତି ଆକଳନ କରିବା ପରିବର୍ତ୍ତେ ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ତୁରନ୍ତ ସହାୟତା ଯୋଗାଇଦିଏ। ଆମେ ମଧ୍ୟ ମାନବୀୟ ସହାୟତା କ୍ଷେତ୍ରରେ ବୈଦେଶିକ ଋଣ ବ୍ୟବସ୍ଥା କରିବା ଦରକାର। ୭ଟି ଦେଶରେ ପରିବେଶରେ ଉନ୍ନତି ଆଣିବାରେ କାର୍ଯ୍ୟ କରୁଥିବା ପ୍ରୋଜେକ୍ଟଗୁଡ଼ିକୁ ୧.୭ ବିଲିୟନ ଆମେରିକୀୟ ଡଲାର ଯୋଗାଇ ଦେବାରେ ଆମେ ଏହିସବୁ ପଦକ୍ଷେପକୁ ଉପଯୋଗ କରିସାରିଲୁଣି।

ଚତୁର୍ଥରେ, ଇନ୍‌ପୁଟ୍ ପରିବର୍ତ୍ତେ ପରିଣାମ ବା ଫଳାଫଳ ପାଇଁ ଆମର ଉତ୍ତରଦାୟିତ୍ୱ ଲୋଡ଼ା। ଅମଲାତାନ୍ତ୍ରିକ ନୀତିନିୟମ କମ୍ କରି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଉଚିତ। ଅର୍ଥର ମୂଲ୍ୟବୋଧକୁ ଉତ୍ସାହିତକରିବା ସହ ନୂତନତ୍ୱକୁ ଆଗକୁ ବଢ଼ାଇବା ଦରକାର। ବିଭିନ୍ନ ଦେଶର ସରକାର ଏବଂ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସୁଇଡେନ୍‌ର ଉଦାହରଣକୁ ଅନୁସରଣକରିବା ଉଚିତ, ଯାହା ଆମେ ହାସଲ କରିଥିବା ଫଳାଫଳ ପାଇଁ ଆମକୁ ଉତ୍ତରଦାୟୀ କରିବ। ସମସ୍ୟା ହେଉଛି, ନବଜାତ ଶିଶୁ ସ୍ୱାସ୍ଥ୍ୟ କନ୍‌ସଲଟେସନ ସଂଖ୍ୟା ନୁହେଁ, ବରଂ ଆମକୁ ସୁସ୍ଥ ନବଜାତକଙ୍କ ସଂଖ୍ୟା ଉପରେ ଧ୍ୟାନ ଦେବାକୁ ହେବ। ପଞ୍ଚମରେ ସହାୟତା ହ୍ରାସଜନିତ ବୋଝକୁ କମ୍ କରିବାକୁ ହେଲେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସଂରଚନା ସହ ତାଳଦେଇ କାମ କରିବାକୁ ହେବ। ବୈଶ୍ୱିକ ଆୟର ୨୫% ହେଉଛି ଆମେରିକାର, କିନ୍ତୁ ବୈଦେଶିକ ସହାୟତା ପାଇଁ ଏହାର ଜାତୀୟ ଆୟର ଅବଦାନ ମାତ୍ର ୦.୨୨%। ନିକଟରେ ସହାୟତା ପରିମାଣ ହ୍ରାସ କରାଯାଇଥିବାରୁ ଏହି ପ୍ରତିଶତ ଆହୁରି କମିଯାଇଛି। ତଥାପି, ଫେବୃଆରୀ ଜନମତରେ ପାଖାପାଖି ୮୯% ଆମେରିକୀୟ କହିଥିଲେ, ବୈଦେଶିକ ସହାୟତା ପାଇଁ ଆମେରିକାର ବଜେଟର ୧% ଯିବା ଉଚିତ। ଏହା ପ୍ରକୃତରେ ଆବଶ୍ୟକ ପରିମାଣର ଅର୍ଥ ହୋଇଥିବାରୁ ଏହି ପାଣ୍ଠି ଯୋଗାଣ ଜରି ରଖିବା ଆମେରିକା ଓ ଆମେରିକା ପାଇଁ ଏକ ସମ୍ମିଳିତ ଲକ୍ଷ୍ୟ ହୋଇପାରେ।

ସମ୍ପ୍ରତି ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳରେ ଗମ୍ଭୀର ପୁଷ୍ଟିହୀନତାର ଶିକାର ୮୦% ପିଲାଙ୍କର ଚିକିତ୍ସା ହେଉନାହିଁ। ଆର୍ଥିକ ସ୍ତରରେ ଦୁର୍ବଳ ଦେଶଗୁଡ଼ିକରେ ୬୦% ପ୍ରସବଜନିତ ମାତୃମୃତ୍ୟୁ ହେଉଛି ଏବଂ ଏହିସବୁ ଦେଶରେ ୮୫ ମିଲିୟନ ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ । ଏହିସବୁ ଆହ୍ୱାନର ସମାଧାନ ପାଇଁ ପ୍ରଭାବୀ ଅନ୍ତର୍ଜାତୀୟ ସହାୟତା ଦରକାର। ଇତିହାସର ଯେକୌଣସି ସମୟ ତୁଳନାରେ ଏବେ ମାନବ ସମାଜ ପାଖରେ ଭଲ କିଛି କରିବା ପାଇଁ ଅଧିକ ସମ୍ବଳ ରହିଛି। ଏଣୁ ସେସବୁକୁ ବିଜ୍ଞତାର ସହ ଉପଯୋଗକରିବା ଆମ ଉପରେ ନିର୍ଭରକରେ। କେବଳ ବୈଦେଶିକ ସହାୟତାକୁ ଆମେରିକା ବଜେଟର ୧% ଦେବା ପର୍ଯ୍ୟାପ୍ତ ନୁହେଁ । ଏହି ଟଙ୍କା ଠିକ୍ ଭାବରେ ବ୍ୟବହାର କରିବାକୁ ହେଲେ ଆମେରିକାର ନିଜସ୍ୱ ଆଗ୍ରହ ରହିବା ଦରକାର। ଏହା ଯେତେଶୀଘ୍ର ପ୍ରକାଶ ପାଇବ ସେତେ ଭଲ।

**ବ୍ରିଟେନର ପୂର୍ବତନ ବୈଦେଶିକ ସଚିବ, ଅଧ୍ୟକ୍ଷ ଏବଂ ସିଇଓ (ଇଣ୍ଟରନ୍ୟାଶନାଲ ରେସ୍‌କ୍ୟୁ କମିଟି)**

## ବ୍ରହ୍ମାର୍ପଣ



ଅନିତା ପଟ୍ଟନାୟକ

ସତ୍ୟନାରାୟଣ ବାବୁଙ୍କ ପୁଅ ରବି ନାରାୟଣ ଦିନେ ବାପାଙ୍କୁ ପଚାରିଲା, "ବାପା! ଦୈନନ୍ଦିନ ଜୀବନରେ ଆମ ଶରୀରକୁ କିଏ ଶକ୍ତି ଯୋଗାଉଛି?" ବାପା କହିଲେ, ଖାଦ୍ୟ ଆମ ଶରୀରକୁ ଶକ୍ତି ଯୋଗାଏ। ଖାଦ୍ୟର ସାର ଶରୀର, ମନ, ଚିନ୍ତା ବା ଭାବନାକୁ ଗଠନ କରିବାରେ ସାହାଯ୍ୟ କରେ। ଆମେ ଯେଉଁ ଖାଦ୍ୟ ଖାଉ, ତାହା ଆମ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରେ। ଅପବିତ୍ରକରଣ ହୋଇଥିବା ଖାଦ୍ୟ ଓ ଖାଦ୍ୟ ଆମମାନଙ୍କ ମନରେ ବିରୋଧାତ୍ମକ ଚିନ୍ତାଧାର ସୃଷ୍ଟି କରେ, ଯେଉଁଥିପାଇଁ ଆମ କାର୍ଯ୍ୟକଳାପ ଧୀରେ ଧୀରେ ଖରାପ ହୋଇଯାଇଥାଏ। ରବି ନାରାୟଣ ପଚାରିଲା, ବାପା! ଖାଦ୍ୟର ଶୁଦ୍ଧତା ବା ପବିତ୍ରତା କିପରି ଆସେ? ସତ୍ୟ ନାରାୟଣ ବାବୁ କହିଲେ, ଖାଦ୍ୟର ଶୁଦ୍ଧତା ଓ ପବିତ୍ରତା ପାଇଁ ତିନୋଟି ଜିନିଷ ଅପରିହାର୍ଯ୍ୟ। ପାତ୍ର ଶୁଦ୍ଧି – (ରନ୍ଧା ବାସନକୁସନ ସଫା ଓ ପବିତ୍ର ହେବା ଦରକାର), ପାକ ଶୁଦ୍ଧି- (ରନ୍ଧନ ପ୍ରକ୍ରିୟାକୁ ପବିତ୍ରୀକରଣ କରିବା ଦରକାର। ଯେଉଁ ବ୍ୟକ୍ତି ଖାଦ୍ୟ ପ୍ରସ୍ତୁତ କରୁଛି, ତା'ର ଶାରୀରିକ ଓ ମାନସିକ ଶୁଦ୍ଧି ଥିବା ଆବଶ୍ୟକ। ସେ ଶାରୀରିକ ସ୍ତରରେ ସୁସ୍ଥ ହୋଇଥିବା ଦରକାର), ଶୁଦ୍ଧି- (ଖାଦ୍ୟ ପଦାର୍ଥ ସାମଗ୍ରୀ ଶୁଦ୍ଧତା ଥିବା ଦରକାର। ଖାଦ୍ୟ ପଦାର୍ଥଗୁଡ଼ିକ ସଫା ଓ ନୈତିକ ଉପାୟରେ ସଂଗ୍ରହ କରିଥିବା ଦରକାର)। ଏହି ତିନୋଟି ଶୁଦ୍ଧିକରଣ ନ ଥିଲେ ଖାଦ୍ୟ ଅପବିତ୍ର ଓ ଅନିଷ୍ଟକର ହୋଇ ଯାଇଥାଏ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି, ଖାଦ୍ୟ ଭଗବାନଙ୍କୁ ଅର୍ପଣ କରି ଖାଇବା ଉଚିତ। ସେପରି କଲେ ବା ହେଲେ ଖାଦ୍ୟର ଅପବିତ୍ରତା ଅକାମୀ ହୋଇଯାଇଥାଏ ଓ ଖାଦ୍ୟ ପ୍ରସାଦରେ ପରିଣତ ହୁଏ। ଖାଦ୍ୟରେ ଶୁଦ୍ଧତା ଆସିଲେ ଆମର ଶାରୀରିକ, ମାନସିକ ଚିନ୍ତାଧାରାକୁ ଆମେ ଶୁଦ୍ଧ କରିପାରୁ। ଭଗବାନଙ୍କୁ ଅର୍ପଣ କରାଯାଏ। ଏଠାରେ 'ହିଁ' ଭଗବାନ୍। ଯେଉଁ ଅଗ୍ନିରେ ସମର୍ପଣ କରାଯାଏ, ତାହା ଭଗବାନ୍। ଯେଉଁ ବ୍ୟକ୍ତି ଅର୍ପଣ କରେ, ସେ ଭଗବାନ୍। ଶେଷରେ ଭଗବାନ ହେଉଛନ୍ତି ଲକ୍ଷ୍ୟ, ସେହି ବ୍ୟକ୍ତି ପାଇଁ ଯିଏ ଅର୍ପଣ କରୁଥାଏ। କ୍ଷୁଧାକୁ ଭଗବାନ୍ ଅଗ୍ନି ଭାବରେ ଆମଠାରେ ସଂଯୋଗ କରିଛନ୍ତି। ଖାଦ୍ୟାର୍ପଣ ଏକ ଯଜ୍ଞ। ଯଜ୍ଞର ଚାରିଟି ବୈଶିଷ୍ଟ୍ୟ ଥାଏ। ପ୍ରଥମ ଭଗବାନ୍‌ଙ୍କୁ ଯାହା ଦିଆଯାଏ। ଦ୍ୱିତୀୟ ଜଠରାଗ୍ନି, ଯାହା ମଧ୍ୟରୁ ଖାଦ୍ୟ ଅର୍ପଣ କରାଯାଏ। ତୃତୀୟ ଅର୍ପଣ ଏବଂ ଚତୁର୍ଥରେ ପ୍ରତ୍ୟେକ ମନୁଷ୍ୟ କରୁଥିବା ଏହି ଯଜ୍ଞ। ଉପରୋକ୍ତ ଚାରିଟି ଯଜ୍ଞର ଗୁଣାବଳୀ ଏକ ଦୈବତ୍ୱକୁ ସୂଚିତ କରେ। ଆମେ ଆମ ଭିତରେ ଥିବା ଭଗବାନଙ୍କୁ ଖାଦ୍ୟ ଅର୍ପଣ କରୁ, ଯେଉଁ ଖାଦ୍ୟ କି ଭଗବାନ୍ ନିଜେ। ଏପରି କରୁ, କାରଣ ଆମେ ଭଗବାନ୍‌ଙ୍କ ଆଶୀର୍ବାଦ ଚାହୁଁ ଓ ଭଗବାନ୍‌ଙ୍କ ପ୍ରଦତ୍ତ କର୍ମ କରିବାକୁ ଚାହୁଁ। ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ଏହି ପ୍ରାର୍ଥନା କରିବା ଦ୍ୱାରା ଆମେ ଭଗବାନ୍‌ଙ୍କୁ ନୈବେଦ୍ୟ ହିସାବରେ ବା ଖାଦ୍ୟକୁ ପ୍ରସାଦ ରୂପେ ପରିଣତ କରି ଭଗବାନ୍‌ଙ୍କୁ ଅର୍ପଣ କରୁ। ଏହି ଅର୍ପଣର ଉତ୍ତର ହେଉଛି 'ଅହଂ ବୈଶ୍ୱାନରୋ ଭୂତ୍ୱା, ପ୍ରାଣିନାଂ ଦେହମାଶ୍ରିତଃ। ପ୍ରାଣାପାନ ସମାଯୁକ୍ତଃ, ପଚାମ୍ୟନ୍ନଂ ଚତୁର୍ବିଧମ୍।' ମୁଁ ସମସ୍ତ ଜୀବଦେହଧାରୀଙ୍କ ମଧ୍ୟରେ ଅଗ୍ନି ବା ବୈଶ୍ୱାନର ଭାବରେ ବିରାଜିତ। ପବନ ନିଃଶ୍ୱାସପ୍ରଶ୍ୱାସ ସହିତ ସଂଯୁକ୍ତ। ରବିନାରାୟଣ ଉତ୍ସାହ ବଢ଼ିଗଲା। ସେ ପଚାରିଲା, ବାପା ଚାରି ପ୍ରକାର ଖାଦ୍ୟ କ'ଣ? ଚିବ୍ୟ– କଠିନ ଖାଦ୍ୟ, ଯାହା ଆମେ ଚୋବେଇକି ଖାଉ। ଚୋଷ୍ୟ – ଯାହା ଚୁଷିକି ଖାଉ, ଲେହ୍ୟ– ଯାହା ଚାଟିକି ଖାଉ ଏବଂ ପେୟ– ଯାହା ଆମେ ପାନୀୟ ଭାବରେ ଗ୍ରହଣ କରୁ। ରବିନାରାୟଣ କହିଲା, ବାପା! ଏଥର ମୁଁ ବୁଝିଗଲି। ଭଗବାନ୍ ବୈଶ୍ୱାନର ଭାବରେ ଆମ ଭିତରେ ଅଛନ୍ତି ଓ ଚାରି ପ୍ରକାର ଖାଦ୍ୟକୁ ଆମ ଭିତରେ ଗ୍ରହଣ କରୁଛନ୍ତି ଏବଂ ସେହି ଭଗବାନ୍ ଅପାନ ଭାବେ ଆମ ଶରୀରର ଅପଦାର୍ଥଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିଥାନ୍ତି। ପନିପରିବା, ଫଳ, କ୍ଷୀର, ଫଳରସ ଭଗବାନ୍ ଆମକୁ ଦେଇଛନ୍ତି ଓ ବିଭିନ୍ନ ପ୍ରକାର ଖାଦ୍ୟକୁ ପୋଷକତତ୍ତ୍ୱ ତାଙ୍କ ନୈବେଦ୍ୟ ମାଧ୍ୟମରେ ଯୋଗାଉଛନ୍ତି। ଆମ ଶରୀର ଭିତରେ, ଆମ ଅଜାଣତରେ ଏ ଚମତ୍କାରିତା ଚାଲିଛି। ହେ ପ୍ରଭୁ ଜଗନ୍ନାଥ! ତୁମେ ଅତ୍ୟନ୍ତ ମହାନ୍ ଓ ଚମତ୍କାରୀ। ମୋ ଭିତରେ ଲୁଚି ତୁମେ ଖେଳ ଚଲାଉଛ।

ପ୍ରାଧ୍ୟାପିକା, ସିଡିଏ, କଟକ
ମୋ: ୯୬୭୨୯୦୦୭୬

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାର। ଏଠାରେ ରହନ୍ତି ୨୫୦ ପରିବାର। ପରିବାରଗୁଡ଼ିକରେ ପ୍ରତିଦିନ ରୋଷେଇଘରୁ ବାହାରୁଥିବା ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷକୁ ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁଚି ମୁଖାର୍ଜୀ। ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ମିଳୁଥିବା ୨୫୦ କେଜି ରୋଷେଇ ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ କେନ୍ଦ୍ରକୁ ପଠାଯାଉଛି। ସେ ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି। ତେବେ ୬ ବର୍ଷ ଭିତରେ ଏହି କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରି ସାରିଲେଣି। କଲୋନିର ପରିବାରଗୁଡ଼ିକରୁ ମିଳୁଥିବା ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ସେ ଲୋକଙ୍କୁ ବାଣ୍ଟିଦେଉଛନ୍ତି। ସେଠାକୁ ଗଲେ ଏବେ ନବଜୀବନ ବିହାର କଲୋନି ବାହାରେ କୌଣସି ସ୍ଥାନରେ ବର୍ଜ୍ୟ ଜୁଳ ହୋଇଥିବା ଦେଖିବାକୁ ପାଇବେ ନାହିଁ। ଏହିବେଳକୁ ରୁଚି କଲୋନିରୁ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୪ ନଭେମ୍ବର ୧୯୭୬

- ୨୦ ଦଫା କାର୍ଯ୍ୟକ୍ରମର ଅଗ୍ରଗତି ଅବ୍ୟାହତ ରଖିବା ଲାଗି ୩ଟି ରାଜ୍ୟ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପ୍ରଦାନ।
- ଜନସଂଘର ରାଜ୍ୟସଭା ସଦସ୍ୟ ସୁବ୍ରମଣ୍ୟନ ସ୍ୱାମୀଙ୍କ ଆଚରଣ ଓ କାର୍ଯ୍ୟକଳାପ ସମ୍ପର୍କରେ ଅନୁଧ୍ୟାନ କରିଥିବା ୧୦ ଜଣିଆ କମିଟି ତାଙ୍କୁ ରାଜ୍ୟସଭା ସଭ୍ୟ ପଦରୁ ବହିଷ୍କାର କରାଯିବା ନିମନ୍ତେ ସୁପାରିଶ କରିଛନ୍ତି।
- ଲୋକସଭାର କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବଢ଼ାଇ ଦେବାର ବ୍ୟବସ୍ଥା ସମ୍ବଳିତ ବିଲ୍ ସମ୍ପ୍ରତି ପାର୍ଲିଆମେଣ୍ଟ ଦ୍ୱାରା ଅନୁମୋଦିତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 9 | | | 5 |
| | | | | 8 | | | 7 | |
| | | | | | 2 | 3 | | |
| | | 3 | | | | 9 | | |
| | | | 6 | | 4 | 7 | 5 | |
| | | | | 3 | | | | 4 |
| 9 | 7 | | | 4 | | | 2 | |
| | 5 | | 1 | | | | | |
| | | | | | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 3 | 2 | 5 | 8 | 7 | 4 |
| 2 | 4 | 7 | 6 | 8 | 9 | 1 | 5 | 3 |
| 5 | 3 | 8 | 1 | 4 | 7 | 2 | 6 | 9 |
| 3 | 8 | 9 | 2 | 6 | 4 | 7 | 1 | 5 |
| 4 | 5 | 2 | 7 | 9 | 1 | 3 | 8 | 6 |
| 6 | 7 | 1 | 8 | 5 | 3 | 4 | 9 | 2 |
| 8 | 2 | 3 | 9 | 7 | 6 | 5 | 4 | 1 |
| 9 | 1 | 5 | 4 | 3 | 8 | 6 | 2 | 7 |
| 7 | 6 | 4 | 5 | 1 | 2 | 9 | 3 | 8 |

ଗତକାଲିର ଉତ୍ତର

# କାର୍ବନ ନିର୍ଗମନ ହ୍ରାସରେ କେତେ ସଫଳ



ଇଂ. ମାୟାଧର ସ୍ୱାଇଁ

ବର୍ତ୍ତମାନ ପୃଥିବୀ ଜଳବାୟୁ ପରିବର୍ତ୍ତନ ଭଳି ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି, ଏହାର ପ୍ରଭାବକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ। କାରଣ ଜାଗତିକ ଉଷ୍ମତା ବୃଦ୍ଧି। କେତୋଟି ସବୁଜଗୃହ ଗ୍ୟାସର ନିର୍ଗମନ ହେଉଛି ଏହାର କାରଣ। ଏହି ଗ୍ୟାସଗୁଡ଼ିକ ମଧ୍ୟରେ ଅଙ୍ଗାରକାମ୍ଳକୁ ଅଧିକ ଭାବରେ ଦୋଷୀ ମନେକରାଯାଉଛି। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜଳବାୟୁ ପରିବର୍ତ୍ତନ ଜଣାପଡ଼ିବା ପରେ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ଏକାଠିହୋଇ ଅନେକ ପ୍ରସ୍ତାବ ଗ୍ରହଣ କରିଛନ୍ତି। ୨୦୧୫ ଡିସେମ୍ବରରେ ଫ୍ରାନ୍ସର ପ୍ୟାରିସଠାରେ ହୋଇଥିବା ସମ୍ମିଳନୀରେ ପ୍ରତ୍ୟେକ ଦେଶ ସ୍ୱେଚ୍ଛାକୃତ ଭାବେ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ହ୍ରାସକରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣ ଘୋଷଣା କରିଥିଲେ। ଏହାପରେ ପ୍ରତି ୫ବର୍ଷରେ ଥରେ ସେହି ସମ୍ଭାବ୍ୟ ତଥ୍ୟଦେବା ସହ ଏହି ପରିମାଣକୁ ପୁନଃ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ମଧ୍ୟ ପ୍ୟାରିସ୍ ରାଜିନାମାରେ ଅଛି। ୟୁରୋପୀୟ ଦେଶସମୂହ ସମେତ କେତେକ ଦେଶ ୨୦୫୦ ସୁଦ୍ଧା ନେଟ୍ ଶୂନ୍ କାର୍ବନ ନିର୍ଗମନ ହାସଲକରିବା ପାଇଁ ଘୋଷଣା କରିଛନ୍ତି। ଚାଇନା ଓ ଭାରତ ଯଥାକ୍ରମେ ୨୦୬୦ ଓ ୨୦୭୦ ମସିହାରେ ଏହା ହାସଲ କରିବା ପାଇଁ ଘୋଷଣା କରିଛନ୍ତି।

କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ବିଭିନ୍ନ ଦେଶର କାର୍ଯ୍ୟକଳାପକୁ ଅନୁଧ୍ୟାନକଲେ, ଆଶା କରାଯାଏ ଯେ ଏହା ଧୀରେ ଧୀରେ ହ୍ରାସ ପାଇବ। କିନ୍ତୁ ଏହା ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ଜଣାପଡ଼ିଛି। ଜାଗତିକ ସବୁଜଗୃହ ନିର୍ଗମନରେ ଜୀବାଶ୍ମ ଦହନରୁ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳର ଅବଦାନ ଅଧିକ। ଏହାର ପରିମାଣ ବୃଦ୍ଧି ପାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ଅନ୍ତର୍ଜାତୀୟ ସଂସ୍ଥା 'ଏମ୍ବର' ପକ୍ଷରୁ ପୃଥିବୀର ବିଭିନ୍ନ ଦେଶରେ କାର୍ବନ ନିର୍ଗମନର ଏକ ବିସ୍ତୃତ ରିପୋର୍ଟ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରକାଶ କରିଛି। ଏହା ଅନୁଯାୟୀ ୨୦୨୪ ମସିହାରେ ପୃଥିବୀରେ ସବୁଜଗୃହ ଗ୍ୟାସ ୫୩.୨ ଗିଗାଟନ୍‌କୁ ବୃଦ୍ଧି ପାଇଛି। ଏହା ହେଉଛି ୨୦୨୩ ମସିହା ତୁଳନାରେ ୧.୩ ପ୍ରତିଶତ ବା ୬୭୫ ନିୟୁତ ଟନ୍ ଅଧିକ। ୨୦୨୪ ମସିହାରେ ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ୟୁରୋପୀୟ ସଂଘ, ରୁଷିଆ ଓ ଇଣ୍ଡୋନେସିଆ ପୃଥିବୀରେ ବୃହତ୍ତମ କାର୍ବନ ନିର୍ଗମନକାରୀ ଦେଶ ଭାବେ ଜଣାପଡ଼ିଛି।

ଏହି ଦେଶଗୁଡ଼ିକ ମିଳିତ ଭାବେ ମୋଟ ସବୁଜଗୃହ ଗ୍ୟାସର ୬୧.୮ ପ୍ରତିଶତ ନିର୍ଗମନ କରିଛନ୍ତି। ୨୦୨୪ରେ ଶୀର୍ଷ ନିର୍ଗମନକାରୀ ଦେଶଗୁଡ଼ିକ ମଧ୍ୟରେ ଚାଇନା, ଭାରତ, ରୁଷିଆ ଓ ଇଣ୍ଡୋନେସିଆ ୨୦୨୩ ତୁଳନାରେ ଅଧିକ କାର୍ବନ ନିର୍ଗମନ କରିଛନ୍ତି। ଏମାନଙ୍କ ମଧ୍ୟରେ ଇଣ୍ଡୋନେସିଆରେ ଆପେକ୍ଷିକ ଭାବେ ସର୍ବାଧିକ ବୃଦ୍ଧି(୫ ପ୍ରତିଶତ) ଏବଂ ଭାରତରେ ପରିମାଣ ଭାବେ (୧୬୫.୮ ନିୟୁତ ଟନ୍) ସର୍ବାଧିକ ବୃଦ୍ଧି ହୋଇଛି। ରିପୋର୍ଟରୁ ପୁନଶ୍ଚ ଜଣାପଡ଼ିଛି, ୨୦୦୯ ଓ ୨୦୨୦କୁ ଛାଡ଼ିଦେଲେ ଏହି ଶତାବ୍ଦୀର ଆରମ୍ଭରୁ ସବୁଜଗୃହ ନିର୍ଗମନ କ୍ରମାଗତ ବୃଦ୍ଧି ପାଇଛି। ୨୦୦୯ ମସିହାରେ ପୃଥିବୀରେ ଆର୍ଥିକ ସଙ୍କଟ ଯୋଗୁ ଏବଂ ୨୦୨୦ରେ କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ କଳକାରଖାନାରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଏହି ୨ବର୍ଷ କାର୍ବନ ନିର୍ଗମନ କମ୍ ଥିଲା। ଚଳିତ ଶତାବ୍ଦୀରେ ପୃଥିବୀରେ କାର୍ବନ ନିର୍ଗମନ ବୃଦ୍ଧିର କାରଣ ହେଉଛି ଚାଇନା, ଭାରତ ଏବଂ ଅନ୍ୟ ବିକାଶଶୀଳ ଦେଶରେ କୋଇଲା ଓ ପେଟ୍ରୋଲିୟମ ତୈଳର ଅଧିକ ବ୍ୟବହାର।



'ଏମ୍ବର' ରିପୋର୍ଟରୁ ପୁଣି ଜଣାପଡ଼ିଛି, ୨୦୨୪ ମସିହାରେ ନିର୍ଗତ ସବୁଜଗୃହ ଗ୍ୟାସ ଗୁଡ଼ିକ ମଧ୍ୟରେ ଜୀବାଶ୍ମ ଇନ୍ଧନଜନିତ ଅଙ୍ଗାରକାମ୍ଳ ପରିମାଣ ହେଉଛି ସର୍ବାଧିକ। ମୋଟ ନିର୍ଗମନରେ ଏହାର ପରିମାଣ ୭୪.୫ ପ୍ରତିଶତ ଥିବାବେଳେ ମିଥେନ, ନାଇଟ୍ରସ୍ ଅକ୍ସାଇଡ୍ ଓ ଫ୍ଲୋରିନେଟେଡ୍ ଗ୍ୟାସର ପରିମାଣ ଯଥାକ୍ରମେ ୧୭.୯ ପ୍ରତିଶତ, ୪.୮ ପ୍ରତିଶତ ଓ ୨.୮ ପ୍ରତିଶତ। ୧୯୯୦ ପରଠାରୁ ଜୀବାଶ୍ମ ଅଙ୍ଗାରକାମ୍ଳର ପରିମାଣ ୬୪.୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଗୁଡ଼ିକର ବୃଦ୍ଧି କମ୍ ରହିଛି।

ୟୁରୋପୀୟ ସଂଘ ନିଷ୍ଠାପର ଭାବେ କାର୍ଯ୍ୟକରି କାର୍ବନ ଉତ୍ସର୍ଜନକୁ ହ୍ରାସ କରିବାରେ ସଫଳ ହୋଇଛି। ୧୯୯୦ ତୁଳନାରେ ୨୦୨୪ରେ ଏହାର ଉତ୍ସର୍ଜନ ୩୫ ପ୍ରତିଶତ କମ୍ ଅଛି ଏବଂ ୨୦୨୩ ତୁଳନାରେ ଏହା ୧.୮ ପ୍ରତିଶତ ହ୍ରାସ କରିପାରିଛି। ସମଗ୍ର ପୃଥିବୀରେ କାର୍ବନ ଉତ୍ସର୍ଜନରେ ୨୦୨୩ ମସିହାରେ ଏହାର ଅଂଶ ୬.୧ ପ୍ରତିଶତ ଥିବାବେଳେ ୨୦୨୪ ରେ ଏହା ୫.୯ ପ୍ରତିଶତକୁ ହ୍ରାସ ପାଇଛି।

କାର୍ବନ ନିର୍ଗମନରେ ଜୀବାଶ୍ମ ଇନ୍ଧନର ଅବଦାନ ହେଉଛି ସର୍ବାଧିକ। ଏହା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ର, ଲୌହ ଓ ଇସ୍ପାତ ଶିଳ୍ପ, ସିମେଣ୍ଟ କାରଖାନା ଏବଂ ଅନ୍ୟ କେତେକ ଇନ୍ଧନ ସଘନ କାରଖାନାରେ ବ୍ୟବହୃତ ହୁଏ। ଏହିସବୁ ଗୋଟିଏ ଦେଶର ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟୁତ୍ କେନ୍ଦ୍ର ବ୍ୟତୀତ ଅନ୍ୟ କାରଖାନାରେ କାର୍ବନ ନିର୍ଗମନ ହ୍ରାସ କରିବା କଷ୍ଟକର। କାରଣ ସେଠାରେ ଇନ୍ଧନର କୌଣସି ଉପଯୁକ୍ତ ବିକଳ୍ପ ବିକଶିତ ହୋଇନାହିଁ। କିନ୍ତୁ ତାପଜ ବିଦ୍ୟୁତ୍‌ର ବିକଳ୍ପ ଭାବେ ସୌର, ପବନ, ଜଳବିଦ୍ୟୁତ୍, ପରମାଣୁ ବିଦ୍ୟୁତ୍ ଆଦିର ସଫଳ ବିକାଶ ହୋଇପାରିଛି। ଏଣୁ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାକୁ ହେଲେ ଏଗୁଡ଼ିକ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ।

ଗୋଟିଏ ଭଲ ସଙ୍କେତ ଆସିଛି ଯେ ୨୦୨୫ ମସିହାର ପ୍ରଥମ ୬ ମାସରେ ପୃଥିବୀରେ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ଅକ୍ଷୟ ଶକ୍ତି ଉତ୍ସ ଅତିକ୍ରମ କରିଯାଇଛି। ଏହି ବର୍ଷର ଅତିରିକ୍ତ ବିଦ୍ୟୁତ୍ ଚାହିଦାକୁ ସୌରଶକ୍ତି ଓ ପବନ ଶକ୍ତି ଦ୍ୱାରା ପୂରଣ କରାଯାଇପାରିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଆକଳନ କରିଛି ଯେ ଏହି ଦଶନ୍ଧି ଶେଷ ସୁଦ୍ଧା ପୃଥିବୀରେ ଅକ୍ଷୟ ଶକ୍ତି ଉତ୍ପାଦନ ୨ଗୁଣ ହେବ ଏବଂ ଏହାର ୮୦ ପ୍ରତିଶତ ସୌର ଓ ପବନ ଶକ୍ତିରୁ ଆସିବ। ଏହି ସଂସ୍ଥା ପୁନଶ୍ଚ ପ୍ରକାଶ କରିଛି , ଏହି ଦଶନ୍ଧି ସୁଦ୍ଧା ଚାଇନା ଓ ଭାରତ ପୃଥିବୀର ବୃହତ୍ତମ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ଦେଶ ହେବେ। ସୂଚନାଯୋଗ୍ୟ, ଭାରତ ୨୦୧୫ ରେ ପ୍ୟାରିସ୍ ରାଜିନାମାରେ ଦସ୍ତଖତ କରିବା ବେଳେ ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ୍‌ର ୪୦ ପ୍ରତିଶତ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହା ୨୦୨୨ରେ ଏହି ଲକ୍ଷ୍ୟକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି। ୨୦୨୫ ଜୁନ୍ ସୁଦ୍ଧା ଭାରତ ୩୮ ପ୍ରତିଶତରେ ପହଞ୍ଚିପାରିଛି ଏବଂ ନିଜର ଲକ୍ଷ୍ୟ ନିଶ୍ଚୟ ହାସଲ କରିପାରିବ ବୋଲି ଆଶା କରାଯାଉଛି।

ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ:୯୪୩୮୬୯୩୭୨୪

## ପାଠକ ଶ୍ରେଷ୍ଠ ବିଚାରକ

### ଏମାନେ ବି ବାଲିଯାତ୍ରା ବ୍ୟବସାୟୀ

ମହାଶୟ,

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା ଓଡ଼ିଆ ସଂସ୍କୃତି, ବାଣିଜ୍ୟ ଓ ଉତ୍ସବର ଏକ ପ୍ରତୀକ। ଏହି ପରିପ୍ରେକ୍ଷୀରେ ଆଲୋକର ଚମକ, ଖାଦ୍ୟର ସ୍ୱାଦ ଓ ଦୋକାନ ଆକର୍ଷଣ ଲୋକଙ୍କୁ ମୋହିତ କରୁଛି। ବଡ଼ ବ୍ୟବସାୟୀମାନେ ଅନେକ କୋଟିର ଲାଭ କରୁଛନ୍ତି। ସେପଟେ ଚମକର ଆଢୁଆଳରେ ଲୁଚିଯାଉଛି ପେଟପାଟଣା ପାଇଁ ସଂଘର୍ଷ କରୁଥିବା ସହସ୍ରାଧିକ କ୍ଷୁଦ୍ର ତଥା ଗରିବ ବ୍ୟବସାୟୀଙ୍କ ଦୁଃଖ। ଆର୍ଥିକ ଅନଟନରୁ ଛୋଟ ବେପାରୀମାନେ ସ୍ଥଳ ପରିବର୍ତ୍ତେ ପଡ଼ିଆରେ ଦରି ମେଲାଇ, ଚୁଲି ଜୁଲି ଅବା ରାସ୍ତା କଡ଼ରେ ଠେଲା ଦୋକାନୀ ଭାବେ ବେପାର କରନ୍ତି। ଦୈନିକ ତିନିରୁ ପାଞ୍ଚ ଶହ ଟଙ୍କା ପାଇଁ ସଂଘର୍ଷ କରୁଥିବା ବେଳେ ନିଜର ପରିବାର ଓ ଲୁଙ୍ଗିକୁନି ପିଲାଙ୍କୁ ବି କାମରେ ଲଗାଉଛନ୍ତି। ବହୁ ଅସ୍ଥାୟୀ ବ୍ୟବସାୟୀ, ଫେରିବାଲା ଓ ଦିନ ମଜୁରିଆ ଏହି ଶ୍ରେଣୀରେ ରହିବା ସହ ବେଲୁନ, ବାଦାମ, ଖେଳନା, କଲମ ଆଦି ସାମଗ୍ରୀ ବିକୁଛନ୍ତି। ବ୍ୟବସାୟ ବେଳେ ଗ୍ରାହକଙ୍କ ସହ ହସି କଥା ହେଉଛନ୍ତି, ହେଲେ ରାତିର ହାଡ଼ଭଙ୍ଗା ଜାଡ଼ରେ ଖୋଲା ଆକାଶ ଓ ଅସ୍ଥାୟୀ ଚାଳିଆ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ଅନେକେ ରାଜ୍ୟ ବାହାରୁ ଆସିଥିବା ବେଳେ ଶୁଦ୍ଧ ପାନୀୟ, ଖାଦ୍ୟ ତଥା ଶୌଚାଳୟ ସୁବିଧା ନ ଥିବାରୁ ଅସୁସ୍ଥ ହେଉଛନ୍ତି। ଶିଶୁମାନେ ପରିବାର ସହ ରାତି କାଟୁଥିବାର ସ୍ଥିତି ମଧ୍ୟ ନଜରକୁ ଆସୁଛି। ଏସବୁ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତା ବର୍ଷ ବାଲିଯାତ୍ରା ପରିଚାଳନା କମିଟି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେମାନଙ୍କ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହୋଇପାରନ୍ତା।

–ନମିତା ଗିରି, ଆଇଆଇଏମ୍‌ସି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିଆଁ ସଖୀ ! ନୟନପତା
ଚଇଳ ଧେନୁ ଗୋଷ୍ଠେ କମ୍ପନ କିଆଁ ଓଷ୍ଠେ ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିଆଁ ସଖୀ ନୟନପତା ?
–(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ସିବିଆଇ

**ପୋଲିସ ଏସ୍‌ଆଇ ଜାଲିଆତି ଘଟଣା**

- ସିବିଆଇକୁ ଦସ୍ତାବିଜ ହସ୍ତାନ୍ତର କଲା କ୍ରାଇମ୍‌ବ୍ରାଞ୍ଚ
- ବ୍ରହ୍ମପୁର ଯାଇ ଛାନ୍‌ଭିନ୍ କରିବ ସିବିଆଇ ଟିମ୍
- ୨ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ଜାଲିଆତି ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଜ୍ୟ ସରକାରଙ୍କ ସୁପାରିସକୁ କେନ୍ଦ୍ର ସରକାରଙ୍କ କାର୍ମିକ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଅଧୀନସ୍ଥ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ମଞ୍ଜୁର କରିବା ପରେ ସିବିଆଇ ଗୁରୁବାର ମାମଲା ରୁଜୁ କରିଛି। ଶଙ୍କର ପୃଷ୍ଟିଙ୍କ ସମେତ ୧୧୯ ଜଣ ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ସିବିଆଇର ଜଣେ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯାଉଛି। ତଦନ୍ତ ପାଇଁ ତାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏଥିରେ ୩ଜଣ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀ ରହିଥିବାବେଳେ ୪ଜଣ ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀ ଅଛନ୍ତି। ମାମଲା ରୁଜୁ କରାଯିବା ପରେ ସିବିଆଇ କ୍ରାଇମ୍‌ବ୍ରାଞ୍ଚକୁ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ସନ୍ଧ୍ୟାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ସିବିଆଇ ଅଫିସରେ ପହଞ୍ଚି ସମସ୍ତ କାଗଜପତ୍ର ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ଆବଶ୍ୟକ ପଡ଼ିଲେ ସିବିଆଇକୁ କ୍ରାଇମ୍‌ବ୍ରାଞ୍ଚ ସହାୟତା କରିବ। ଏଥିସହ ସନ୍ଧ୍ୟାରେ ସିବିଆଇର ତଦନ୍ତକାରୀ ଅଧିକାରୀ ବି.ସାମଲ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ରତ୍ନପ୍ରଭା ଶତପଥୀଙ୍କ ସହ ମାମଲା ସମ୍ପର୍କରେ ଆଲୋଚନା କରିଛନ୍ତି। ଘଟଣାରେ କେଉଁମାନଙ୍କ ମୁଖ୍ୟ ଭୂମିକା ରହିଥିଲା, କିଏ କିଏ ଏହା ପଛରେ ଅଛନ୍ତି, ସବୁ କିଛି ସିବିଆଇ ପଚାରି ବୁଝିଥିଲା। ଶୁକ୍ରବାର ସିବିଆଇର ଏକ ଟିମ୍ ବ୍ରହ୍ମପୁରର ଗୋଳନ୍ଥରା ଥାନାକୁ ଯାଇ ମଧ୍ୟ ଛାନ୍‌ଭିନ କରିବ ବୋଲି ଜଣାପଡ଼ିଛି। ଆଗାମି ଦିନରେ ସିବିଆଇ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ଏକାଧିକ ଲୋକଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ସହ ଗିରଫ ହୋଇ ଜାମିନରେ ଥିବା ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଧ୍ୟ ସିବିଆଇ ଜେରା କରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ପରୀକ୍ଷାର୍ଥୀ ବରଗଡ଼ର ଶେଖର ସାହୁ ଏବଂ କଳାହାଣ୍ଡିର ପ୍ରକାଶ ସାହୁଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ବିଶ୍ୱରଞ୍ଜନ ବେହେରା ଓରଫ ତଫିମ୍ ଅହମ୍ମଦ ଖାନ୍‌ଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଆସନ୍ତା ୨୦ରେ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସୁରେଶ ନାୟକଙ୍କ ଜାମିନ ଆବେଦନର ଶୁଣାଣି ହେବାର ଅଛି।

ସିବିଆଇ ଏବେ ମାମଲାର ତଦନ୍ତ ଆରମ୍ଭ କରିଥିବାରୁ ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବା ବଡ଼ ବଡ଼ ଅଫିସରଙ୍କ ଛାତି ଧଡ଼ ଧଡ଼ ହେଲାଣି। କାରଣ ସେମାନେ ଶଙ୍କର ଏବଂ ମୁନାଙ୍କୁ ପରୋକ୍ଷରେ ଜାଲିଆତି କରିବାରେ ସହଯୋଗ କରିଛନ୍ତି। ବିଶେଷକରି ଓପିଆର୍‌ବି ଏବଂ ପୋଲିସ ବିଭାଗର କେତେଜଣ ଅଧିକାରୀଙ୍କ ହାତ ମଧ୍ୟ ରହିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବାରୁ ସେମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ହେଲେ ଏବେ ତଦନ୍ତ ଭାର ସିବିଆଇ ନେବାରୁ ଏହି ବଡ଼ବାବୁମାନେ ଫସିବେ ବୋଲି କୁହାଯାଉଛି। ସେମାନଙ୍କ ଲିଙ୍କ୍ ଆସିବା ପରେ ସିବିଆଇ ଅଫିସକୁ ଡକାଯାଇ ଜେରା କରାଯିବ ବୋଲି ସୂଚନା ମିଳିଛି।

## ଶଙ୍କର ପୃଷ୍ଟିଙ୍କ ସମେତ ୩ ଜଣଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

**୨ ଦଲାଲଙ୍କ ଜାମିନ ଖାରଜ**

ବ୍ରହ୍ମପୁର,୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକ ଓ ଦଲାଲ୍ ଅରବିନ୍ଦ ଦାସଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ଆସନ୍ତା ୨୦ ତାରିଖରେ ଏହାର ଶୁଣାଣି ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରେ ଗୁରୁବାର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ୨ ଦଲାଲ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନ୍‌ଙ୍କ ଜାମିନ ଖାରଜ କରିଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। କୌଣସି କାରଣରୁ ତଦନ୍ତ ଅଧିକାରୀ(ଆଇଓ) କୋର୍ଟରେ ଉପସ୍ଥିତ ହୋଇ ନ ଥିବାରୁ ଏହାର ଶୁଣାଣି ହୋଇପାରିନାହିଁ। ତଦନ୍ତ ଅଧିକାରୀ କୋର୍ଟରେ ଉପସ୍ଥିତ ହେବା ପରେ ଏହାର ଶୁଣାଣି ହେବ ବୋଲି ଜଣାପଡିଛି। ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶଙ୍କୁ ଗିରଫ କରି ଲଗାତାର ଜେରା କରିଥିଲା। ପରବର୍ତ୍ତୀ ସମୟରେ ଶଙ୍କରଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା ପରେ ଗୋଟିଏ ଦିନରେ ଅର୍ଥାତ୍ ଗତ ୪ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ ପୁଣି ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦଙ୍କୁ ୫ ତାରିଖରେ ରିମାଣ୍ଡରେ ନେଇ ଜେରା ପରେ ୮ ତାରିଖରେ କୋର୍ଟ ହାଜର କରି ଜେଲ ପଠାଇଥିଲା। ସେହିଦିନ ହିଁ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଆବେଦନ ହୋଇଥିଲା। ତଦନ୍ତ ଅଧିକାରୀ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ଏହାର ଶୁଣାଣି ବିଳମ୍ବ ହେଉଛି।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

**୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ**

ଭବାନୀପାଟଣା,୧୩।୧୧ (ଉତ୍ତମ କୁମାର ଦାଶ)



ଧରାପଡିଥିବା ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ସରକାରୀ କ୍ୱାର୍ଟର୍ସରେ ପେନ୍‌ସନ୍ ସୁବିଧା ବୃଦ୍ଧି ପାଇଁ ଫାଇଲ ପ୍ରକ୍ରିୟାକରଣ କରିବାକୁ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ (ଅଭିଯୋଗକାରୀ)ଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଗିରଫ ହୋଇଛନ୍ତି। ପ୍ରକାଶ ଯେ, ୩୧।୦୩।୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେଠାରୁ ସେ କିରାଣି ରାଓଙ୍କୁ ତାଙ୍କର ପେନ୍‌ସନ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରିଆସୁଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାଧ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇଁ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସକୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ଆଡେ ଲାଞ୍ଚ ଟଙ୍କା ଫିଙ୍ଗିବାକୁ ଉଦ୍ୟମ କରୁଥିବା ସମୟରେ ଭିଜିଲାନ୍ସ ହାତରେ ଧରାପ ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଧରା ପଡିବା ପରେ ତାଙ୍କ ଅଫିସ ସମେତ ବଲାଙ୍ଗୀର, ବ୍ରହ୍ମପୁରରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଏ ନେଇଁ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୩୪/୨୦୨୫) ରୁଜୁ କରି ସଂଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରିଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

**ପୀଡ଼ିତାଙ୍କୁ ୪ ଲକ୍ଷ ସହାୟତା ନିର୍ଦ୍ଦେଶ**

ବ୍ରହ୍ମପୁର,୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ରୋହିତ ଲାଲ ପଣ୍ଡା ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ସାବନ କୁମାର ନାୟକ(୩୦)। ଜେଲ ସହ ତାଙ୍କ ଉପରେ ୫୦ ହଜାର ଟଙ୍କା ଜରିମାନା ପକାଯାଇଛି। ଏହା ଅନାଦାୟେ ଅଭିଯୁକ୍ତ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ଦିଗପହଣ୍ଡି ଅଞ୍ଚଳର ନାବାଳିକା ଓ ତାଙ୍କ ପରିବାର ତାମିଲନାଡୁର କୋଏମ୍ବାଟୋରରେ ଏକ ଇଟା କାରଖାନାରେ କାମ କରି ସେଠାରେ ରହୁଥିଲେ। ଅଭିଯୁକ୍ତ ସାବନ ମଧ୍ୟ ସେଠାରେ କାମ କରୁଥିବା ବେଳେ ନାବାଳିକାଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ପରେ ନାବାଳିକା ତାଙ୍କ ପରିବାର ସହ ନିଜ ଗାଁକୁ ଫେରିଥିଲେ। ୨୦୨୨ ଡିସେମ୍ବର ୧୬ ତାରିଖରେ ନାବାଳିକା ଜଣଙ୍କ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରିବା ପରେ ଝିଅକୁ କୋଏମ୍ବାଟୋରରେ କାମ କରୁଥିବା ସାବନ ନେଇଯାଇଥିବା ଜାଣିବାକୁ ପାଇଥିଲେ। ୨ ମାସ ଧରି ନାବାଳିକା ଜଣଙ୍କ ସାବନଙ୍କ ଦ୍ୱାରା ବଳାତ୍କାରର ଶିକାର ହେବା ସହ ମାନସିକ ଓ ଶାରୀରିକ ନିର୍ଯାତନା ପାଇଥିଲେ। ପରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ସେ ଗାଁକୁ ଫେରି ଘଟଣା ସମ୍ପର୍କରେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ

**ବିଏନ୍‌ଆର୍ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ସଶସ୍ତ୍ର ଡକାୟତି**

ଲହୁଣୀପଡ଼ା,୧୩।୧୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଶସ୍ୟକଳା ପଞ୍ଚାୟତ ଅନ୍ତର୍ଗତ ବାରସୁଆଁ ସ୍ଥିତ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବୁଧବାର ରାତିରେ ଶସସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଅଫିସରେ ଥିବା ୩ ଲକ୍ଷ୫୯ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ଏନେଇ ଲହୁଣୀପଡ଼ା ଥାନାରେ ଟ୍ରାନ୍ସପୋର୍ଟ ପରିଚାଳକ ତ୍ରୈଲୋକ ଚୌଧୁରୀ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାରସୁଆଁ ରେଲୱେ ସାଇଡିଂ ନିକଟରେ ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟିଂ କାର୍ଯ୍ୟାଳୟ ରହିଛି। ବୁଧବାର ରାତି ପ୍ରାୟ ୧୦ ଟାରେ କଳା ଓ ଧଳା ରଙ୍ଗର ୨ଟି ସୋର୍ପିଓରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟକୁ ଆସିଥିଲେ। କଳା ରଙ୍ଗର ସ୍କର୍ପିଓ ଘୁରି ବୁଲୁଥିବା ବେଳେ ଧଳା ରଙ୍ଗର ସ୍କର୍ପିଓରେ ଥିବା ୫ରୁ୬ଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରେ ପଶିଥିଲେ। ଅଫିସରେ ନିୟୋଜିତ ଥିବା ୨ ଜଣ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ସେମାନଙ୍କୁ ମାରପିଟ କରିବା ସହିତ ଭୟଭୀତ କରିଥିଲେ। କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଏବଂ ହାର୍ଡ ଡିସ୍କକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଅଫିସରେ ଥିବା ୩ ଲକ୍ଷ ୫୯ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ଲହୁଣୀପଡା ପୋଲିସ ଖବରପାଇ ଚାରିଆଡେ ନାକାବନ୍ଦୀ କରି ଛାନ ଭିନ କରିଥିଲେ ମଧ୍ୟ କୌଣସି ସୁରାକ ପାଇ ପାରି ନ ଥିଲା। ଗୁରୁବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

**ଅର୍ଥ ଆତ୍ମସାତ୍ ମାମଲାରେ**

ବଲାଙ୍ଗୀର,୧୩।୧୧ (ବୀରେନ୍ଦ୍ର କୁମାର ଝାଙ୍କର)



କୁଶଧ୍ୱଜ ସାହୁ

ଅର୍ଥ ଆତ୍ମସାତ୍ ଏବଂ ସମବାୟ ସମିତି ପାଣ୍ଠି ହେରଫେର ମାମଲାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ) ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ କୁଶଧ୍ୱଜ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ପୂର୍ବତନ ସମ୍ପାଦକ ସାହୁ ୮ ଲକ୍ଷ ୩୪ ହଜାର ୪ ୮୯ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷର ଏହି ଦୁର୍ନୀତି ହୋଇଥିବା କୁହାଯାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୨୪/୨୫) ରୁଜୁ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଗୁରୁବାର ତାଙ୍କୁ ଗିରଫ କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

**Business**

# ପେନ୍‌ସନ ଉନ୍ନତୀକରଣ ଦାବି ଉଠାଇଲା ଏଆଇବିଆର୍‌ଏଫ୍

ଭୁବନେଶ୍ୱର,୧୩।୧୧




ଅଖିଳ ଭାରତ ବ୍ୟାଙ୍କ ଅବସରପ୍ରାପ୍ତ କର୍ମୀ ଫେଡେରେଶନ(ଏଆଇବିଆର୍‌ଏଫ୍) ପକ୍ଷରୁ ୩ ଦିନିଆ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇବିଆର୍‌ଏଫ୍‌ର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋକପାତ କରାଯାଇଥିଲା। ୭ ଦଫା ଦାବି ପୂରଣ ନ ହେଲେ ନଭେମ୍ବର ୨୦ରୁ ୨୦୨୬ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଦେଶବ୍ୟାପୀ ଗଣଧାରଣା ଓ ପର୍ଯ୍ୟାୟକ୍ରମିକ ଅନଶନ କରିବାକୁ ଫେଡେରେଶନ ଚେତାବନୀ ଦେଇଛି। ଏଆଇବିଆର୍‌ଏଫ୍‌ର ସଭାପତି ଏସ୍.ଏମ୍. ଦେଶପାଣ୍ଡେ, ସାଧାରଣ ସମ୍ପାଦକ ଏସ୍. ସି. ଜୈନ, ଉପ ସାଧାରଣ ସମ୍ପାଦକ ଦାମୋଦର ପୋଗଲ, ପରିଚାଳନା ସମ୍ପାଦକ ସୁରେଶ ଚନ୍ଦ ଶର୍ମା କହିଛନ୍ତି, ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୧୩ଟି ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଗ୍ରାମୀଣ ବ୍ୟାଙ୍କର ୩ ଲକ୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କ ନେଇ ଏଆଇବିଆର୍‌ଏଫ୍ ଗଠିତ । ପେନ୍‌ସନ ଉନ୍ନତୀକରଣ ଅନୁଷ୍ଠାନର ସଦସ୍ୟମାନଙ୍କର ମୁଖ୍ୟ ଦାବି ରହିଥିବାବେଳେ ଦ୍ୱାଦଶ ଦ୍ୱିପାକ୍ଷିକ ରାଜିନାମା ଅନୁସାରେ ଏକ୍ସଗ୍ରାସିଆର ପୁନଃ ନିର୍ଦ୍ଧାରଣ, ୨୦୧୨ ପରେ ଅବସର ନେଇଥିବା କର୍ମଚାରୀଙ୍କ ସ୍ୱତନ୍ତ୍ର ଭତ୍ତାକୁ ମୂଳ ପେନ୍‌ସନରେ ମିଶାଇବା,ପେନ୍‌ସନ ଦିଆଯାଉ ନ ଥିବା କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ବ୍ୟାଙ୍କ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମାର ଦେୟ ବ୍ୟାଙ୍କ ଦ୍ୱାରା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଫେଡେରେଶନ କ୍ଷୋଭ ପ୍ରକାଶକରି କହିଛି, ଦୀର୍ଘ ୧୨ ବର୍ଷ ହେବ ଏଆଇବିଆର୍‌ଏଫ୍ ବିଭିନ୍ନ ପ୍ରକାର ସାଂଗଠନିକ କାର୍ଯ୍ୟକ୍ରମ ଜରିଆରେ ପେନ୍‌ସନ ଉନ୍ନତୀକରଣ ପାଇଁ ଦାବି କରିଆସୁଛି। ୧୦ ଜଣ କେନ୍ଦ୍ରମନ୍ତ୍ରୀ, ୧୫୦ଜଣ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ ସହ ସଂସଦ ସମ୍ମୁଖରେ ଧାରଣା ଦିଆଯାଇ ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟର ରାଜଧାନୀଗୁଡ଼ିକ ସମେତ ୨୦ଟି ସହରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ସମ୍ପର୍କରେ ସଂସଦରେ ମଧ୍ୟ ଅନେକ ଥର ଏମ୍‌ପିମାନେ ଉପସ୍ଥାପନା କରିଥିଲେ ମଧ୍ୟ ହିତାଧିକାରୀ ସୁଫଳ ପାଇପାରିନାହାନ୍ତି।

## ଭିଟ୍ ମରିସସ୍‌ରେ ଇଞ୍ଜିନିୟରିଂ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୩।୧୧

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଟ୍) ମରିସସ୍ କ୍ୟାମ୍ପସରେ ୨୦୨୬ ଫେବୃଆରୀ ଓ ଅଗଷ୍ଟ ପାଇଁ ପ୍ରମୁଖ ଇଞ୍ଜିନିୟରିଂ ପ୍ରୋଗ୍ରାମଗୁଡ଼ିକର ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଏବେ www.VITMAURITIUS.MU ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଏହି ପ୍ରବେଶ ପାଇଁ କୌଣସି ପ୍ରବେଶିକା ପରୀକ୍ଷାର ଆବଶ୍ୟକତା ନାହିଁ। ନାମଲେଖା ପ୍ରକ୍ରିୟା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଦର୍ଶନ ଏବଂ ବ୍ୟକ୍ତିଗତ ସାକ୍ଷାତ୍‌କାର ଉପରେ ଆଧାରିତ ହେବ। ମେଧାବୀ ଓ ଆର୍ଥିକ ଦୃଷ୍ଟିରୁ ଆବଶ୍ୟକତା ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍କଲାରଶିପ ମଧ୍ୟ ଉପଲବ୍ଧ। ଏହା ସହ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସମୟରେ ପାର୍ଟ-ଟାଇମ କାର୍ଯ୍ୟ ସୁଯୋଗ ଏବଂ ଅଧ୍ୟୟନ ପରେ ୩ ବର୍ଷର ପୋଷ୍ଟ-ଷ୍ଟଡି ୱାର୍କ ସୁଯୋଗ ପାଇପାରିବେ।

## ସିବିଓଏର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏସନ(ସିବିଓଏ)ର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ ବିଶାଖାପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ୫୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନାରା ବ୍ୟାଙ୍କର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁ ଉଦ୍‌ଘାଟନ କରିଥିଲେ। କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହର୍‌ଦୀପ ସିଂହ ଆହଲୁୱାଲିଆ ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଭାଷଣରେ ରାଜୁ କାନାରା ବ୍ୟାଙ୍କର ଉନ୍ନତିରେ ଅଫିସର୍ସମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ‘ଦ ମାଷ୍ଟର ଷ୍ଟିଚ୍’ ନାମକ ପୁସ୍ତକ, ଯେଉଁଥିରେ ସତ୍ୟନାରାୟଣ ରାଜୁଙ୍କ ଜୀବନ କାହାଣୀ ଉଲ୍ଲେଖ ଅଛି, ସେହି ପୁସ୍ତକକୁ ଅସୋସିଏସନ ପକ୍ଷରୁ ଉନ୍ମୋଚନ କରାଯାଇଥିଲା। ପୁସ୍ତକଟିକୁ ରାଜୁଙ୍କ ମାତା ଶ୍ରୀମତୀ ରାମ ସୀତାଙ୍କ ହସ୍ତରେ ଉନ୍ମୋଚନ କରାଯାଇଥିଲା। ସିବିଓଏର ସାଧାରଣ ସଚିବ କେ. ରବି କୁମାର ତାଙ୍କ ଜିଏସ୍ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ବିରୋଧରେ ଲଢ଼ିବା ପାଇଁ ସଦସ୍ୟମାନଙ୍କ ଏକତାକୁ ପୁନର୍ବାର ଦୋହରାଇଥିଲେ। ସେ ପ୍ରତିଦିନ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଗୃହରେ ୯୦ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କେନ୍ଦ୍ରୀୟ କମିଟିକୁ ଆଗାମୀ ୩ ବର୍ଷ ପାଇଁ ନୂତନ କମିଟି ଚୟନ କରିବା ପାଇଁ ଭଙ୍ଗ କରାଯାଇଥିଲା। ରାଜୀବ ନିଗମଙ୍କୁ ସଭାପତି ଭାବେ ପି. ଜାକବଙ୍କୁ ଅଧକ୍ଷ ଭାବେ ଏବଂ କେ. ରବି କୁମାରଙ୍କୁ କାନାରା ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ କରାଯାଇଥିଲା। ସିବିଓଏ ଓଡ଼ିଶା କମିଟି ପକ୍ଷରୁ ବରିଷ୍ଠ ଉପ ସଭାପତି ପି. କେ. ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଏସ୍. ଏନ୍. ତ୍ରିପାଠୀ, ସହ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଚୌଧୁରୀ, କେନ୍ଦ୍ରୀୟ କମିଟି ସଦସ୍ୟ ଆର୍. କେ. ବେହେରା, କେନ୍ଦ୍ରୀୟ କମିଟି ସଦସ୍ୟ ସୁବ୍ରତ ଦାସ ଓ କେନ୍ଦ୍ରୀୟ କମିଟି ସଦସ୍ୟ ଆଶୁତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ୩ ଲକ୍ଷ ଇଭି ବିକ୍ରି

ଭୁବନେଶ୍ୱର,୧୩।୧୧




ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟି ଲିମିଟେଡ୍ (ଏମ୍‌ଏଲ୍‌ଏମ୍‌ଏଲ୍) ୩ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ ଯାନ (ଇଭି) ବିକ୍ରିକରି ଏକ ଐତିହାସିକ ମାଇଲଷ୍ଟୋନ୍ ହାସଲ କରିଛି। କମ୍ପାନୀର ବିସ୍ତୃତ ଇଭି ପୋର୍ଟଫୋଲିଓରେ ଟ୍ରିଓ ରେଞ୍ଜ, ଜୋର ଗ୍ରାଣ୍ଡ, ଇ-ଆଲ୍‌ଫା ଥ୍ରୀ-ହୁଇଲର ଏବଂ ମହିନ୍ଦ୍ରା ଜିଓ ଫୋର-ହୁଇଲର ଅନ୍ୟତମ। ଏହି ଇଭିଗୁଡ଼ିକ ମିଳିତ ଭାବେ ୫୦୦ କୋଟି କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଛି, ଯାହାଦ୍ୱାରା ୧୮୫ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରାଯାଇପାରିଛି। ଏହା ୪୩ ଲକ୍ଷରୁ ଅଧିକ ଗଛ ଲଗାଇବାର ପରିବେଶୀୟ ପ୍ରଭାବ ସହ ସମାନ। ଗତ ୧୨ ମାସରେ ୧ ଲକ୍ଷ ଇଭି ବିକ୍ରି ହୋଇଛି। ନିକଟରେ କମ୍ପାନୀ ଟ୍ରିଓ ପ୍ଲସ୍ ସିଟ୍ ମେଟାଲ, ଇ-ଆଲ୍‌ଫା ପ୍ଲସ୍, ଜୋର ଗ୍ରାଣ୍ଡ ରେଞ୍ଜ ପ୍ଲସ୍ ଏବଂ ମହିନ୍ଦ୍ରା ଜିଓ ଭଳି ନୂଆ ଓ ଉନ୍ନତ ଉତ୍ପାଦ ଲଞ୍ଚ କରିଛି। ୨ ଲକ୍ଷ ଇଭି ମାଇଲଷ୍ଟୋନ୍ ସମୟରେ ‘ଉଦୟ ଏନ୍‌ଏକ୍ସଟି’ କାର୍ଯ୍ୟକ୍ରମ ଅଧୀନରେ ୨୦ ଲକ୍ଷ ଟଙ୍କାର ଚାଳକ ଦୁର୍ଘଟଣା ବୀମା ଏବଂ ଆର୍ଥିକ ପରାମର୍ଶ ଭଳି ସୁବିଧା ପ୍ରଦାନ କରାଯାଉଛି। ୩ ଲକ୍ଷ ଇଭି ମାଇଲଷ୍ଟୋନ ଅବସରରେ କମ୍ପାନୀ ଆଇଓଏସ୍, ଆଣ୍ଡ୍ରଏଡ୍ ଏବଂ ୱେବ୍‌ରେ ନୂଆକରି ଲଞ୍ଚ ହୋଇଥିବା ‘ନେମୋ’ ପ୍ଲାଟ୍‌ଫର୍ମ ଉନ୍ମୋଚନ କରିଯାଇଛି। ଚାଳକ ଓ ଫ୍ଲିଟ୍ ମ୍ୟାନେଜରମାନଙ୍କୁ ଦୂରରୁ ଯାନ ନିୟନ୍ତ୍ରଣ ଓ ନିରୀକ୍ଷଣ କରିବାରେ ସହାୟତା କରୁଛି। ଏଥିମଧ୍ୟରେ ଏକାଧିକ ଯାନ ପରିଚାଳନା, ଜିଓ-ଟ୍ରାକିଂ, ସର୍ଭିସ୍ ବୁକିଂ, ରୋଡ୍‌ସାଇଡ୍ ସହାୟତା ଏବଂ ଚାର୍ଜିଂ ନେଟ୍‌ୱର୍କ ସ୍ଥାନ ଅନ୍ୟତମ। ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ମ୍ୟାନେଜିଂ ଡିରେକ୍ଟର ତଥା ସିଇଓ ସୁମନ ମିଶ୍ର କହିଛନ୍ତି, ଆମେ କେବଳ ଇଭି ନିର୍ମାଣ କରୁନାହୁଁ, ଜୀବିକା ସୃଷ୍ଟି କରୁଛୁ ଏବଂ ଏକ ସ୍ୱଚ୍ଛ ଭବିଷ୍ୟତ ଗଠନ କରୁଛୁ।

## ଇଭୋସ୍ ବିଲ୍ଡକନ୍‌ର ୧୬ଶ ପ୍ରତିଷ୍ଠା ଦିବସ ‘ସଂକଳ୍ପ’ ପାଳିତ

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)




ଇଭୋସ୍ ବିଲ୍ଡକନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୧୬ଶ ପ୍ରତିଷ୍ଠା ଦିବସ ‘ସଂକଳ୍ପ’ ପାଳନ କରାଯାଇଛି। ‘ସଂକଳ୍ପ’ ଅର୍ଥାତ୍ ପ୍ରତିଶ୍ରୁତି ଏହି ନାମ କମ୍ପାନୀର ବିଶ୍ୱସନୀୟତା, ଗୁଣବତ୍ତା ଓ ନିରନ୍ତର ଉନ୍ନତୀକରଣର ମୂଳମନ୍ତ୍ରକୁ ପ୍ରତିଫଳିତ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କର୍ମଚାରୀ, ଷ୍ଟେକ୍‌ହୋଲ୍‌ଡର, ନିବେଶକ, ପରାମର୍ଶଦାତା ଓ ଗ୍ରାହକଙ୍କ ସମାବେଶରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇଥିଲେ। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର କଳିଙ୍ଗ କେଶରୀ ରଥ ଇଭୋସ୍ ପରିବାରର ଅଟଳ ବିଶ୍ୱାସ ଓ ନିଷ୍ଠା ପାଇଁ କୃତଜ୍ଞତା ଜ୍ଞାପନକରି କହିଛନ୍ତି, ନବୀନତାରେ ଗଢ଼ା ମୂଲ୍ୟବୋଧ ହିଁ କମ୍ପାନୀର ଶକ୍ତି। ଇଭୋସ୍ ଆଲ୍‌କେମି ଓ ଇଭୋସ୍ ଅମାନି ପ୍ରକଳ୍ପକୁ ଉଲ୍ଲେଖକରି ସେ କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ଭୁବନେଶ୍ୱର ଓ ପୁରୀରେ ୬୦୦ ଫ୍ଲାଟ୍ ହସ୍ତାନ୍ତର ହେବ। ଏଥିମଧ୍ୟରେ ପୁରୀର ସୀ ରୋଜେସ୍ ରହିଛି। ଇଭୋସ୍ ଭବିଷ୍ୟତରେ ସ୍ଥାୟିତ୍ୱ, ଡିଜାଇନ ଓ ଲାଇଫଷ୍ଟାଇଲ୍ ନବୀନତା ସହ ଅତ୍ୟାଧୁନିକ ଫ୍ଲାଟ୍ ଓ ଭିଲା ପ୍ରକଳ୍ପ ଆସିବ। ଉତ୍ସବରେ ‘ସଂକଳ୍ପ ମ୍ୟାଗାଜିନ’ ଉନ୍ମୋଚନ କରାଯାଇଥିବାବେଳେ କଣ୍ଠଶିଳ୍ପୀ ଆଲୋକ କଟଡାରେ ଓ ଟ୍ରମ୍ପେଟର କିଶୋର ସୋଢାଙ୍କ ପ୍ରଦର୍ଶନୀ ବେଶ୍ ଆକର୍ଷଣୀୟ ହୋଇଥିଲା। ଓଡ଼ିଶା ଭିଜନ ୨୦୩୬ ସହ ସମନ୍ୱିତ ‘ଭିଜନ ୨୦୩୬’ ସମ୍ପର୍କରେ କଳିଙ୍ଗ କେଶରୀ କହିଛନ୍ତି, ସ୍ୱପ୍ନକୁ ଲ୍ୟାଣ୍ଡମାର୍କରେ ରୂପାନ୍ତରିତକରି ପିଢ଼ି ପିଢ଼ିର ଉତ୍ତରାଧିକାର ଗଢ଼ିବା ହିଁ ଇଭୋସ୍‌ର ଲକ୍ଷ୍ୟ।

## ପୁଣି ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ବିବାହଋତୁ ଆରମ୍ଭ ହେବା ସହ ସୁନାଦରରେ ପୁଣିଥରେ ଲଗାତାର ବୃଦ୍ଧି ଦେଖିବାକୁ ମିଳିଛି। ଗୁରୁବାର ୨୪ କ୍ୟାରେଟ ସୁନାଦର ୧୦ଗ୍ରାମ ପ୍ରତି ୩,୧୧୦ଟଙ୍କା ବୃଦ୍ଧି ହୋଇ ୧,୨୮,୬୨୦ଟଙ୍କାରେ ପହଞ୍ଚିଛି। ବୁଧବାର ଏହା ୧,୨୫, ୫୧୦ ଟଙ୍କା ରହିଥିଲା। ସେହିପରି ୨୨ କ୍ୟାରେଟ ସୁନାଦରରେ ଦିନକରେ ୨,୮୫୦ ଟଙ୍କା ବୃଦ୍ଧି ହୋଇଛି। ବୁଧବାର ଏହା ୧,୧୫,୦୫୦ଟଙ୍କା ଥିବାବେଳେ ଗୁରୁବାର ଏହା ୧,୧୭,୯୦୦ଟଙ୍କାରେ ହୋଇଛି। ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୦ ହଜାର ଟଙ୍କା ବଢ଼ିଛି । ବୁଧବାର ୧,୭୩,୦୦୦ ଟଙ୍କା ଥିବାବେଳେ ଗୁରୁବାର ଏହା ୧,୮୩,୦୦୦ଟଙ୍କା ହୋଇଛି। ପ୍ଲାଟିନମ୍ ୧୦ ଗ୍ରାମ ପ୍ରତି ୯୭୦ଟଙ୍କା ବଢ଼ି ୪୬,୧୨୦ଟଙ୍କା ହୋଇଛି ଯାହାକି ବୁଧବାର ୪୫,୧୫୦ଟଙ୍କା ଥିଲା।

# ଆଜିଠାରୁ ପ୍ରଥମ ଟେଷ୍ଟ

**ଭାରତ-ଦକ୍ଷିଣ ଆଫ୍ରିକା ସିରିଜ**

**କୋଲକାତା, ୧୩।୧୧ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଡବ୍ଲୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଦଳର କ୍ୱାଲିଟି ସ୍ପିନ ଆକ୍ରମଣ ଆଗରେ ଭାରତୀୟ ଦଳର ବ୍ୟାଟିଂ ଲାଇନ ଏକ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଗତ ବର୍ଷ ଭାରତୀୟ ଦଳ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡଠାରୁ ୩-୦ ବ୍ୟବଧାନରେ ପରାଜିତ ହୋଇଥିଲା। ଏହି ପରାଜୟ ଘରୋଇ ପରିବେଶରେ ଭାରତୀୟ ଦଳର ଦୁର୍ବଳତାକୁ ପଦାରେ ପକାଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ୨୦୧୦ ଠାରୁ ଭାରତରେ କୌଣସି ଟେଷ୍ଟ ମ୍ୟାଚ୍ ଜିତି ନାହିଁ। ଗତ ୩ ଟୁରରେ ଦକ୍ଷିଣ ଆଫ୍ରିକା, ଭାରତରେ ଟେଷ୍ଟ ମ୍ୟାଚ୍ ଜିତିବାରେ ଅସମର୍ଥ ରହିଛି। କିନ୍ତୁ ଚଳିତ ବର୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ନିକଟରେ ଏକ ଦକ୍ଷ ସ୍ପିନ ବିଭାଗ ରହିଛି। ଏଥିସହିତ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦ. ଆଫ୍ରିକା ଦଳ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିବା ପରେ ଭାରତ ଆସିଛି। ଏହି ସିରିଜ୍‌ରେ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରାନ ମୁଥୁସାମୀ ୩୯ରୁ ୩୫ ଉଇକେଟ ନେଇଥିଲେ। ଏହି ୩ ସ୍ପିନର ପାକିସ୍ତାନରେ ପାକିସ୍ତାନୀ ସ୍ପିନରଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିଥିଲେ।

ମ୍ୟାଚ୍ ପୂର୍ବରୁ ଇଡେନ ଗାର୍ଡେନ୍ସର ପିଚ୍‌କୁ ନେଇ ଖୁବ ଚର୍ଚ୍ଚା ହେଉଛି। ଭାରତୀୟ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ଅଧିନାୟକ ଶୁବମନ ଗିଲ ଅନେକ ଥର ପିଚ୍ ଯାଞ୍ଚ କରିଥିବା ବେଳେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ ସଭାପତି ସୌରଭ ଗାଙ୍ଗୁଲି ଆଶ୍ୱାସନା ଦେଇଛନ୍ତି, ପିଚ୍ ର୍‌ୟାଙ୍କ ଟର୍ନର ହେବ ନାହିଁ। ଅବଶ୍ୟ ପିଚ୍ ସ୍ପିନରଙ୍କୁ ସୁହାଇବ। ହେଲେ ପ୍ରଥମ ଦିନରୁ ବଲ ସ୍ପିନ କରିବ ନାହିଁ। ଆରମ୍ଭରୁ ଏହି ସର୍ଫେସ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ମୁଭମେଣ୍ଟ ଓ ରିଭର୍ସ ସ୍ୱିଙ୍ଗ ପ୍ରଦାନ କରିବ। ଭାରତୀୟ ଦଳ ଦୁଇ ପେସରଙ୍କ ସହ ଓହ୍ଲାଇବ। ଏଣୁ ସିରାଜଙ୍କ ବଦଳରେ ଲୋକାଲ ଖେଳାଳି ଆକାଶ ଦୀପଙ୍କୁ ପ୍ରାଧାନ୍ୟ ଦିଆଯାଇପାରେ। ଗତ ୧୫ ବର୍ଷରେ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ମୋଟ ୧୫୯ ଉଇକେଟ ପଡ଼ିଥିବା ବେଳେ ପେସରମାନେ ୯୭ ଉଇକେଟ ନେଇଛନ୍ତି। ଏହାର ଅର୍ଥ ଏଠାରେ ପେସରମାନେ ୬୧ ପ୍ରତିଶତ ଉଇକେଟ ନିଅନ୍ତି।

ଯୁବ ଅଧିନାୟକ ଶୁବମନଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌କୁ ୨-୨ରେ ବରାବର କରିଥିଲା। ଏହି ସିରିଜ୍‌ରେ ଭାରତୀୟ ଦଳ ତା'ର ଧୈର୍ଯ୍ୟ ଓ ସିମିଂ କଣ୍ଡିଶନ ସହ ଖାପ ଖୁଆଇବାର ଦକ୍ଷତା ପ୍ରଦର୍ଶିତ କରିଥିଲା। ଏହାପରେ ଦଳ ଘରୋଇ ପରିବେଶରେ ଦୁର୍ବଳ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌କୁ ୨-୦ରେ ସିରିଜ୍ ସୁଇପ୍ କରିଥିଲା। ଇଞ୍ଜୁରିରୁ ରିକଭର କରି ରିଷଭ ପନ୍ତ ଦଳକୁ ଫେରିଥିବା ବେଳେ ଧ୍ରୁବ ଜୁରେଲ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିବେ। ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ସ୍ପିନ ବିଭାଗ ସହିତ ଲୋୟର ବ୍ୟାଟିଂ ଅର୍ଡର ସମ୍ଭାଳିବେ। ଏହା ଏକ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍ ହୋଇଥିବାରୁ ଏଥିରେ ଯେକୌଣସି ଛୋଟ ଭୁଲ୍ ସାଙ୍ଘାତିକ ହୋଇପାରେ। ଦ୍ୱିତୀୟ ଟେଷ୍ଟ ଗୁଆହାଟିରେ ଖେଳାଯିବ, ଯାହାକି ଭେନ୍ୟୁର ପ୍ରଥମ ଟେଷ୍ଟ ହେବ। ଏଣୁ ସେଠାରେ ବଲ କେଉଁ ଭଳି ବ୍ୟବହାର କରିବ, ତାହା କହିବା କଷ୍ଟକର। ଏଥିଯୋଗୁ ଭାରତୀୟ ଦଳ ପାଇଁ ପ୍ରଥମ ଟେଷ୍ଟ ଜିତିବା ଗୁରୁତ୍ୱପୂର୍ଣ୍ଣ।

**ସମ୍ଭାବ୍ୟ ଭାରତୀୟ ଦଳ:** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟକିପର ଓ ଉପ ଅଧିନାୟକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ/ଆକାଶ ଦୀପ, ଯଶପ୍ରୀତ ବୁମରା।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ, ର୍‌ୟାନ ରିକଲଟନ(ଉଇକେଟକିପର), ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଟେମ୍ବା ବଭୁମା(ଅଧିନାୟକ), ୱିଆନ ମୁଲ୍ଡର/କର୍ବିନ ବୋଶ୍, ମାର୍କୋ ଜାନସେନ, କେଶଭ ମହାରାଜ, ସେନୁରାନ ମୁଥୁସାମୀ, ସିମନ ହର୍ମର, କାଗିସୋ ରାବାଡା।



ଗୁରୁବାର ଅଭ୍ୟାସ ବେଳେ ପିଚ୍ ଅନୁଧ୍ୟାନ କରୁଛନ୍ତି ଶୁବମନ ଗିଲ୍, ରିଷଭ ପନ୍ତ, ଗୌତମ ଗମ୍ଭୀର ଓ ଅନ୍ୟମାନେ।

## ମହିଳା ଓ ମିକ୍ସଡ୍ ଟିମ୍‌କୁ ସ୍ୱର୍ଣ୍ଣ ପଦକ

**ଢାକା, ୧୩।୧୧ (ପି.ଟି.)**

ଏଠାରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତର କମ୍ପାଉଣ୍ଡ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରି ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପାଇଛନ୍ତି। କୋରିଆ ବିପକ୍ଷ ମହିଳା କମ୍ପାଉଣ୍ଡ ଫାଇନାଲରେ ଜ୍ୟୋତି ସୁରେଖା ଭେନମ, ଦୀପ୍‌ଶିଖା ଓ ପ୍ରିଥିକା ପ୍ରଦୀପ ପ୍ରମୁଖଙ୍କୁ ନେଇ ଭାରତୀୟ ମହିଳା ଦଳ ୨୩୬-୨୩୪ରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ପରାଜିତ କୋରିଆ ଦଳରେ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ ହେଲେ ପାର୍କ ୟେରିନ୍, ଓହ୍ ୟୁହ୍ୟୁନ୍ ଓ ଜଙ୍ଗୟୁନ୍ ପାର୍କ। କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଅଭିଷେକ ବର୍ମା ଓ ଦୀପ୍‌ଶିଖା ବାଂଲାଦେଶକୁ ୧୫୩-୧୫୧ରେ ପରାସ୍ତ କରିବା ଦ୍ୱାରା ଭାରତ ଏହାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଅନ୍ୟପକ୍ଷରେ ପୁରୁଷ କମ୍ପାଉଣ୍ଡ ବିଭାଗ ଫାଇନାଲରେ କାଜାଖସ୍ତାନଠାରୁ ୨୨୯-୨୩୦ରେ ପରାଜିତ ହୋଇ ରୌପ୍ୟ ପାଇଥିଲା। ଏହି ରୋମାଞ୍ଚକ ଫାଇନାଲରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ ଅଭିଷେକ ବର୍ମା, ସାହିଲ ରାଜେଶ ଯାଦବ ଏବଂ ପ୍ରଥମେସ ମବାଲଚନ୍ଦ୍ରା ଫୁଗେ। ସେହିପରି କାଜାଖସ୍ତାନ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଦିଲ୍‌ମୁଖାମେତ ମୂଷା ବୁନ୍ୟୋଦ ମିର୍ଜାମେତୋଭ ଏବଂ ଆନ୍ଦ୍ରେ ଡ୍ୟୁତ୍‌ୟନ୍।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, November 14/2025 | Page 16 | ₹ 7.00 | BALASORE
୫୧ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 348 | ମୂଲ୍ୟ ₹୭/-

## ବିହାର ନିର୍ବାଚନ, ନୂଆପଡ଼ା ଉପନିର୍ବାଚନ: ଆଜି ଗଣତି

**ଭୁବନେଶ୍ୱର, ୧୩।୧୧ (ସୁନିତ୍ ମିଶ୍ର)**

ଦୀର୍ଘଦିନ ଧରି ବିହାର ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନକୁ ନେଇ ଚାଲିଥିବା ଚର୍ଚ୍ଚାର ଶୁକ୍ରବାର ଅବସାନ ଘଟିବ। ବିହାର ଫଳାଫଳ ଉପରେ ଦେଶବ୍ୟାପୀ ସମସ୍ତଙ୍କ ନଜର ରହିଥିବା ବେଳେ ଓଡ଼ିଶାରେ ନୂଆପଡ଼ା ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳାଫଳ କାହା ସପକ୍ଷରେ ଯାଉଛି ସେନେଇ ରାଜ୍ୟବାସୀ ଚାହିଁ ରହିଛନ୍ତି। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ୍ ଏବଂ ଏହାର ୩୦ମିନିଟ୍ ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହୋଇଯିବ। ନୂଆପଡ଼ା ନ୍ୟାଶନାଲ କଲେଜଠାରେ ଭୋଟ ଗଣତି କରାଯିବ। ମୋଟ ୩୫୮ ବୁଥ୍ ପାଇଁ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଗଣତି କରାଯିବ। ପ୍ରତ୍ୟେକ ଟେବୁଲରେ ୩ ଜଣ ଅଧିକାରୀ ରହିବେ। ଜଣେ ଗଣତି ସହ ଅଧିକାରୀ, ଗଣତି ସୁପରଭାଇଜର ଏବଂ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି। ଏଥିଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିରେ ୫ କମ୍ପାନୀ ସୁରକ୍ଷା ବଳ ନିଯୁକ୍ତ ହୋଇଛନ୍ତି ବୋଲି ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ୍‌ପାଲ ସିଂ ଗୁରୁବାର ସୂଚନା ଦେଇଛନ୍ତି। ଉପନିର୍ବାଚନରେ ମୋଟ୍ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ଭିତରୁ କାହା ଉପରେ ନୂଆପଡ଼ା ବିଧାନସଭା କ୍ଷେତ୍ରର ଭୋଟର ଭରସା କରୁଛନ୍ତି ତାହା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯାଇଥିବ। ଯିଏ ବି ଏହି ଉପନିର୍ବାଚନରେ ବିଜୟୀ ହେବେ ସେ ଏହି ଆସନରୁ ନୂଆ ଚେହେରା ଭାବେ ବିଧାନସଭାକୁ ଯିବେ। ଅନ୍ୟପଟେ ଭାଜପା, ବିଜେଡି ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡୁଛି। କିଏ ୨ ଏବଂ ୩ ନମ୍ବର ସ୍ଥାନରେ ରହୁଛି ତାହା ମଧ୍ୟ ଓଡ଼ିଶା ରାଜନୀତି ପାଇଁ ବହୁ ଗୁରୁତ୍ୱ ବହନ କରିବ। ୩ ଦଳ ଭୋଟ ସରିବା ପରେ ବିଜୟୀ ହେବେ ବୋଲି ଦାବିକରି ଆସୁଛନ୍ତି। ୨୦୨୪ ନିର୍ବାଚନ ପରେ ଓଡ଼ିଶାରେ ଭାଜପା ପ୍ରଥମ ଥର ଏକୁଟିଆ ଶାସନକୁ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ଏହି ପ୍ରଥମ ନିର୍ବାଚନ ଲଢୁଛି। ତେଣୁ ଏକ ଭଲ ଭୋଟ୍ ବ୍ୟବଧାନରେ ବିଜୟୀ ହେବା ଭାଜପା ପାଇଁ ବହୁତ ଗୁରୁତ୍ୱ ରଖିବ। ୨୪ ବର୍ଷ ପରେ କ୍ଷମତାରୁ ଯିବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତାଙ୍କ ଦଳ ପ୍ରଥମ ଥର ବିରୋଧୀ ଦଳ ଭୂମିକାରେ ରହି ଏହି ଉପନିର୍ବାଚନ ଲଢୁଛନ୍ତି। ଗତ ସାଧାରଣ ନିର୍ବାଚନରେ ଉକ୍ତ ଆସନ ମଧ୍ୟ ବିଜେଡି ହାତରେ ରହିଥିଲା। ତେଣୁ ବିଜେଡି ଏହି ଆସନ ନିଜ ଅକ୍ତିଆରକୁ ନେଇପାରୁଛି ନା ନାହିଁ ତାହା ମଧ୍ୟ ରାଜ୍ୟ ରାଜନୀତି ପାଇଁ ଗୁରୁତ୍ୱ ରଖୁଛି। ଅନ୍ୟପଟେ କଂଗ୍ରେସ ଏହି ଆସନରେ ଯଦି ଭଲ ପ୍ରଦର୍ଶନ କଲା ତେବେ ତାଙ୍କ ଦଳ ଉପରେ ରାଜ୍ୟର ଜନସାଧାରଣଙ୍କ ଆସ୍ଥା ବଢ଼ିବାର ଏକ ଆକଳନ ରାଜନୈତିକ ମହଲରେ କରାଯାଉଛି।


ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ବଲାଙ୍ଗୀରର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ବିକାଶ ନାୟକ)

## ରାଜ୍ୟରେ ହେବ ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ

**ଭୁବନେଶ୍ୱର,୧୩।୧୧ (ରବିନାରାୟଣ ଜେନା)**

ରାଜ୍ୟରେ କେତେ ଭିନ୍ନକ୍ଷମ ଶିଶୁ ରହିଛନ୍ତି ସେନେଇ ସରକାର ଗଣନା କରିବେ। ଏହାକୁ ନେଇ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଭାସ୍କର ରୟତୋ ଅଧିକାରୀମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଘରକୁ ଘର ବୁଲି ଅଙ୍ଗନୱାଡି କର୍ମୀ ଭିନ୍ନକ୍ଷମ ଶିଶୁଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବେ। ଜନ୍ମରୁ ୬ବର୍ଷ ମଧ୍ୟରେ ଥିବା ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ କରାଯିବ। ସର୍ଭେ ବେଳେ ୨୧ପ୍ରକାର ଭିନ୍ନକ୍ଷମକୁ ଗଣନାରେ ଗୁରୁତ୍ୱ ଦିଆଯିବା ଦରକାର। ଏହାପରେ ଚିହ୍ନଟ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ। ଏନ୍‌ଇପି -୨୦୨୦ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଶିଶୁଙ୍କୁ ସାମିଲ କରାଯିବ। ଆସନ୍ତା ୧ ମାସ ମଧ୍ୟରେ ସର୍ଭେ ଶେଷ ହେବା ଆବଶ୍ୟକ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଅଙ୍ଗନୱାଡି କର୍ମୀମାନେ ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କ ତଥ୍ୟକୁ ଆଇସିଡିଏସ୍ ସୁପରଭାଇଜର ଯାଞ୍ଚ କରିବେ। ଏହାପରେ ବ୍ଲକ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରି ତଥ୍ୟକୁ ସରକାରଙ୍କ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ଶେଷ ପର୍ଯ୍ୟାୟରେ ଜିଲାସ୍ତରରେ ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜ୍ୟସ୍ତରୀୟ ଅଧିକାରୀ ଯାଞ୍ଚ କରିବେ। ଏହି ସମସ୍ତ କାର୍ଯ୍ୟ କିଭଳି କରାଯିବ ସେନେଇ ଅତିରିକ୍ତ ସଚିବ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଛନ୍ତି।

## ଉମର କାର୍ ଚଳାଉଥିବା ଡିଏନ୍‌ଏ ପରୀକ୍ଷାରୁ ସ୍ପଷ୍ଟ

**ଦିଲ୍ଲୀ ବିସ୍ଫୋରଣ**

**ନୂଆଦିଲ୍ଲୀ,୧୩।୧୧**

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ଗତ ୧୦ ତାରିଖରେ ଘଟିଥିବା ବିସ୍ଫୋରଣରେ ବ୍ୟବହୃତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡିଏନ୍‌ଏ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିବା ପୋଲିସ ସୂତ୍ରରୁ କୁହାଯାଇଛି। ବିସ୍ଫୋରଣ ସ୍ଥଳରୁ ସଂଗୃହୀତ ଡିଏନ୍‌ଏ ନମୁନା ଉମରଙ୍କ ମା'ଙ୍କ ନମୁନା ସହ ମେଳ ଖାଉଥିବାରୁ ଉମର ହିଁ କାର୍‌ରେ ଥିଲେ ବୋଲି ଫୋରେନ୍‌ସିକ ବିଶେଷଜ୍ଞମାନେ କରିଥିବା ପରୀକ୍ଷାରୁ ନିଶ୍ଚିତ ହୋଇଛି। ଉମର କାର୍‌କୁ ଚଳାଇବା ସହ ବିସ୍ଫୋରଣ ଘଟାଇଥିବା ପରୀକ୍ଷା ଫଳାଫଳରୁ ନିର୍ଣ୍ଣାୟକ ଭାବେ ସାବ୍ୟସ୍ତ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି।

ଉମର ନବୀଙ୍କ ଘର ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ। ନିକଟରେ ପର୍ଦ୍ଦାଫାଶ ହୋଇଥିବା ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ସେ ଅନ୍ୟତମ ମୁଖ୍ୟ ସଦସ୍ୟ। ଜୈଶ-ଇ-ମହମ୍ମଦ ଏବଂ ଅନସର ଘଜୱତ-ଉଲ୍-ହିନ୍ଦ୍ ଆତଙ୍କବାଦୀ ସଂଗଠନ ସହ ତାଙ୍କର ସମ୍ପର୍କ ରହିଛି। ସୋମବାର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଧୀର ଗତିରେ ଯାଉଥିବା କାର୍‌ଟି ହଠାତ୍ ବିସ୍ଫୋରଣ ହୋଇଥିଲା, ଯାହା ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ବିସ୍ଫୋରଣର ଅଳ୍ପ କେତେଘଣ୍ଟା ପୂର୍ବରୁ


ଡା. ଉମର ନବୀ

ପୋଲିସ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସହ ସମ୍ପୃକ୍ତ ଥିବା ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବା ଘୋଷଣା କରିଥିଲା। ସୁରକ୍ଷା ବଳ ଜମ୍ମୁ-କଶ୍ମୀର, ହରିୟାଣା ଓ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆମୋନିୟମ୍ ନାଇଟ୍ରେଟ୍, ପୋଟାସିୟମ୍ କ୍ଲୋରେଟ୍ ଏବଂ ସଲ୍‌ଫର ସମେତ ପାଖାପାଖି ୩,୦୦୦ କିଲୋଗ୍ରାମ ବିସ୍ଫୋରଣ ଜବତ କରିଥିଲା। ଲାଲ୍‌କିଲ୍ଲା ବିସ୍ଫୋରଣ ଉକ୍ତ ଗ୍ରୁପ୍ ଦ୍ୱାରା କରାଯାଇଥିବା ବୃହତ୍ତର ଆତଙ୍କବାଦୀ ଷଡ଼ଯନ୍ତ୍ରର ଅଂଶବିଶେଷ କି ନୁହେଁ, ଏବେ ତାହାର ତଦନ୍ତ ଚାଲିଛି।

DSPL-350

ଓଡ଼ିଶା ଶାସନ

ସୁରଭି ୨୦୨୫


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ
ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଗରିମାମୟ ଉପସ୍ଥିତି

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର

ଶ୍ରୀମତୀ ସୁଲୋଚନା ଦାସ
ମେୟର, ଭୁବନେଶ୍ୱର ମହାନଗର ନିଗମ

୧୪ ନଭେମ୍ବର ୨୦୨୫
କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

OIPR-

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ବସ୍‌ଷ୍ଟାଣ୍ଡରୁ ଶିଶୁକନ୍ୟା ଉଦ୍ଧାର

ବାଲେଶ୍ୱର, ୧୩।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ ନିକଟରୁ ଗୁରୁବାର ଜଣେ ଅଢେଇ ବର୍ଷର ଶିଶୁକନ୍ୟାକୁ ପୋଲିସ ଉଦ୍ଧାର କରିଛି । ଶିଶୁକନ୍ୟା ଜଣକ ବସଷ୍ଟାଣ୍ଡ ପାଖରେ ବହୁ ସମୟ ଧରି ଏକା ଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ତାଙ୍କ ମାଆ, ବାପା କେହି ପାଖରେ ନ ଥିଲେ । ପୋଲିସକୁ ଏନେଇ ଖବର ଦିଆଯାଇଥିଲା । ସହଦେବଖୁଣ୍ଟା ଥାନା ଆଇଆଇସି ବିରଞ୍ଚି ସାହୁ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ । ପିଲାଟି ପ୍ରାଞ୍ଜଳ ଭାବେ କଥା କହିପାରୁନାହିଁ । ଶିଶୁ କନ୍ୟାକୁ ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସାହୁ କହିଛନ୍ତି ।

# ୪ ଦିନ ପରେ ଉଠିଲା ମା'ଙ୍କ କୋକେଇ

## ବିଦେଶରୁ ଫେରିଲା ପୁଅ

ବାଲେଶ୍ୱର, ୧୩।୧୧(ବାଞ୍ଛାନିଧି ଦେ)

ମା'ଙ୍କ ମୃତ୍ୟୁକୁ ୪ ଦିନ ବିତିଲା । ପୁଅର ଆସିବା ବାଟକୁ ଅପେକ୍ଷା କରି ଫ୍ରିଜର ଭିତରେ ମୃତଦେହକୁ ରଖାଯାଇଥିଲା । ବିଦେଶରେ ରହୁଥିବା ପୁଅ, ବୋହୂ ଓ ନାତି ଗୁରୁବାର ଘରେ ପହଞ୍ଚିଲେ । ଶେଷରେ ମା'ଙ୍କ କୋକେଇ ଉଠିଲା । ଗ୍ରାମବାସୀଙ୍କ ସହଯୋଗରେ ଶବ ସତ୍କାର ସମ୍ପନ୍ନ ହେଲା । ଏଭଳି ଏକ ଘଟଣା ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତରେ ଘଟିଛି ।

ଦୀର୍ଘ ୧୫ ବର୍ଷ ଧରି ଘରେ ଏକାକୀ ରହୁଥିବା ମହିଳା ଛବିରାଣୀ ଦେଙ୍କର ସୋମବାର ହୃଦ୍‌ଘାତରେ ମୃତ୍ୟୁଘଟିଥିଲା । ବୃଦ୍ଧା ସ୍ତ୍ରୀଙ୍କ ମୃତ୍ୟୁ ଖବର ପାଇ ସ୍ୱାମୀ ସୃଷ୍ଟିଧର ଦେ ବୁଧବାର ଜଣେ ମହିଳାଙ୍କ ସହ ତାଙ୍କ ବାସଭବନରେ ପହଞ୍ଚିଥିଲେ । ସ୍ତ୍ରୀଙ୍କ ମୃତଦେହ ଦେଖି ନୀରବରେ ସ୍ଥାନ ଛାଡି ପଳାଉଥିବା ବେଳେ ଆରମ୍ଭ ହୋଇଥିଲା ହୋହାଲ୍ଲା । ପଡୋଶୀମାନେ ସ୍ୱାମୀ ସୃଷ୍ଟିଧର ଓ ତାଙ୍କ ସହ ଆସିଥିବା ମହିଳାଙ୍କୁ ଅଟକ ରଖି ଶେଷକୃତ୍ୟ ସମ୍ପନ୍ନ କରିବାକୁ ଜିଦ୍ ଧରିଥିଲେ । ମାତ୍ର ସୃଷ୍ଟିଧର ଅନ୍ତିମ ସଂସ୍କାର କଥା ଶୁଣିବାକୁ ମନା କରିବାରୁ ଗ୍ରାମବାସୀ ତାଙ୍କୁ ଛାଡି ନ ଥିଲେ । ସହଦେବଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ୧୯୭୦ ରେ ବାଲିଆପାଳ ଥାନା ପାଉଁଆ ଗ୍ରାମର ଛବିରାଣୀଙ୍କୁ ବସ୍ତା ଥାନା ଅଧୀନ ରାଙ୍ଗଡ଼ିହି ଗ୍ରାମର ସୃଷ୍ଟିଧର ବିବାହ କରିଥିଲେ । ସୃଷ୍ଟିଧରଙ୍କ ପୁଅ ସଞ୍ଜୀବ ଏବେ କାନାଡ଼ାରେ ସପରିବାର ରହୁଥିବା ବେଳେ ଏକମାତ୍ର କନ୍ୟାଙ୍କର ମୃତ୍ୟୁ ଘଟିଥିଲା । ଝିଅର ମୃତ୍ୟୁ ପରେ ପରେ ଛବିରାଣୀ ମାନସିକ ଚାପଗ୍ରସ୍ତ ହୋଇପଡ଼ିଥିଲେ । ସେତେବେଳେ ବ୍ୟାଙ୍କରେ ଚାକିରି କରୁଥିବା ସୃଷ୍ଟିଧର ସ୍ତ୍ରୀଙ୍କ ଚିକିତ୍ସା କରିବା ପରିବର୍ତ୍ତେ ତାଙ୍କଠାରୁ ଦୂରେଇ ଯାଇ ଅନ୍ୟତ୍ର ରହୁଥିଲେ । ଚାକିରି କରୁଥିବା ପୁଅ ବିଦେଶରେ, ଝିଅର ଅକାଳ ମୃତ୍ୟୁ, ସ୍ୱାମୀଙ୍କ ଦ୍ୱାରା ଅଲଗା ହୋଇ ମଧ୍ୟ ମହିଳା ଜଣଙ୍କ ଘରେ ରହୁଥିଲେ । ପୁଅ କାନାଡାରୁ ଆସିବା ପର୍ଯ୍ୟନ୍ତ ଗ୍ରାମବାସୀ ଅପେକ୍ଷା କରିଥିଲେ । ଭଡାସୂତ୍ରରେ ଏକ ଫ୍ରିଜର ଆଣି ସେଥିରେ ମୃତଦେହକୁ ରଖାଯାଇଥିଲା । ଗୁରୁବାର ସଞ୍ଜୀବ, ତାଙ୍କ ସ୍ତ୍ରୀ ଓ ପୁଅକୁ ନେଇ ବାଲେଶ୍ୱର ପହଞ୍ଚିଥିଲେ । ବାପା ସୃଷ୍ଟିଧରଙ୍କ ଉପସ୍ଥିତିରେ ଗୁଡିଆପୋଖରୀ ଶ୍ମଶାନ ମୁକ୍ତିଦ୍ୱାରରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା ।

## ସାରକୋଣା ନୂତନ ସ୍ୱାସ୍ଥ୍ୟଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ଅତିଥିମାନେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଖଇରା, ୧୩।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜାତୀୟ ସ୍ୱାସ୍ଥ୍ୟମିଶନର କନିଷ୍ଠଯନ୍ତ୍ରୀ ରୁଚି ଖାତୁନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଭାରତୀୟ ମଜଦୁର ସଂଘର ସଙ୍ଗଠନ ସମ୍ପାଦକ କୁମୁମଣୀ ଦେଇ, ଦୋଳଗୋବିନ୍ଦ ମହାରଥା, ମାୟାଧର କୁଆଁର ଓ ରାଜେଶ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ଗୃହ ନିର୍ମାଣ ସ୍ଥାନ ଖାଲୁଆ ହୋଇଥିବାରୁ ଘର ଉଚ୍ଚାସ୍ଥାନରେ କରିବାକୁ ବିଧାୟକ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

## ୧୫ରେ ପାଳନ ହେବ ଜାତୀୟ ସାମ୍ବାଦିକ ଦିବସ

ଭୋଗରାଇ, ୧୩।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକର ଆରଆଇଏଏସ ମହାବିଦ୍ୟାଳୟରେ ପାଳନ ହେବ ଜାତୀୟ ସାମ୍ବାଦିକ ଦିବସ। ଜାତୀୟ ସାମ୍ବାଦିକ ଦିବସ ଆସନ୍ତା ୧୬ ତାରିଖ ରବିବାର ହେଉଥିବାରୁ ବିଭିନ୍ନ କାରଣରୁ ଗୋଟିଏ ଦିନ ପୂର୍ବରୁ ଶନିବାର ଅପରାହ୍ନ ୨ ଟାରେ ଏହି ଦିବସ ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ବୌଦ୍ଧିକ ପରିବେଶରେ ଉକ୍ତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳନ ହେବ । ଏଥିନିମନ୍ତେ ବୃତ୍ତାନ୍ତ ପର୍ଯ୍ୟାୟରେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଥାନାଛକସ୍ଥିତ ଏକ ହୋଟେଲରେ ଭୋଗରାଇର କନିଷ୍ଠ ଓ ବରିଷ୍ଠମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହିଦିବସରେ ଭୋଗରାଇ ବିଧାୟକ ସହିତ ଓଡ଼ିଶାର ଖ୍ୟାତନାମା ପ୍ରକାଶକ, ପ୍ରଶାସନ, ଲେଖିକା, ଲେଖକ, ଶିକ୍ଷାବିତ, ବିଶିଷ୍ଟ ସାମାଜିକ କର୍ମୀ, ଡାକ୍ତର, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଯୋଗଦେବାର ସମ୍ମତି ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ଦିବସକୁ ଉଦ୍‌ଘାଟନ କରିବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର । ଏହି କାର୍ଯ୍ୟକ୍ରମକୁ ସଫଳ କରିବାନିମନ୍ତେ ଭୋଗରାଇମିଳିତ ସାମ୍ବାଦିକ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

# ଶିକ୍ଷୟିତ୍ରୀ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା



ବିଦ୍ୟାଳୟ ଗେଟ ସମ୍ମୁଖରେ ଅଭିଭାବକ ଓ ପିଲାମାନଙ୍କ ଧାରଣା ।

ଖଇରା, ୧୩।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତିପୁର ପଞ୍ଚାୟତ ଅଧୀନ କଣ୍ଟାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ଅନୁପମା ସାହୁଙ୍କର ଅନ୍ୟତ୍ର ବଦଳି ପ୍ରତିବାଦରେ ଗୁରୁବାର ସକାଳେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକ ଗେଟରେ ତାଲାଦେଇ ଧାରଣାରେ ବସି ରହିଥିଲେ । ପରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ମୁଖ୍ୟ କିରାଣି କମଳାକାନ୍ତ ଶିଆଳ ପହଞ୍ଚି ବଦଳି ବାତିଲ ପାଇଁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ସ୍ୱାଭାବିକ ଚାଲିଥିଲା । ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନଙ୍କର ବିଜ୍ଞାନ ପଢାଇବାକୁ ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବା ବେଳେ ଏବେ ଉକ୍ତ ଶିକ୍ଷୟିତ୍ରୀଙ୍କର ବଦଳି ଗୁଣ୍ଡୁରିଗଡିଆକୁ କରାଯିବା ପରେ ଅସନ୍ତୁଷ୍ଟ ଅଭିଭାବକମାନେ ଧାରଣାରେ ବସିଥିଲେ ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ବାଲେଶ୍ୱର, ୧୩।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବୁଧବାର ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧାରୁ ବିଦ୍ୟାଳୟ ପରିତ୍ୟାଗ କରୁଥିବା ଛାତ୍ରୀଛାତ୍ରମାନେ କିପରି ପୁଣି ନାମ ଲେଖାଇପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଶିବିରରେ ଜିଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁମନ ଜେନା ଅଧ୍ୟକ୍ଷତା କରି ଶିକ୍ଷା ଅଧିକାର ଅଧିନିୟମ, ଜାତୀୟ ଶିକ୍ଷାନୀତିର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ଚିଫ୍ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ ନଟଗୋପାଳ ପଣ୍ଡା, ଆସିଷ୍ଟାଣ୍ଟ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ ।



ଶିବିରରେ ବିଚାରପତି ବକ୍ତବ୍ୟ ଦେଉଛନ୍ତି ।

## 'ଓଡ଼ିଶାର ସମାଜ ଓ ସଂସ୍କୃତି ଉପରେ ଗୁପ୍ତ ସାମ୍ରାଜ୍ୟର ପ୍ରଭାବ'

ସୋର, ୧୩।୧୧(କଳ୍ପତରୁ ମିଶ୍ର)

ସୋର ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଇତିହାସ ବିଭାଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଓଡ଼ିଶାର ସମାଜ ଓ ସଂସ୍କୃତି ଉପରେ ଗୁପ୍ତ ସାମ୍ରାଜ୍ୟର ପ୍ରଭାବ' ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଉମାପ୍ରଧାନ ଭୋଳ ସଭାପତିତ୍ୱ କରିଥିଲେ । ସ୍ୱିରେଖା ରାଉତ, ପ୍ରିୟଙ୍କା, ସସ୍ମିତା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ତନ୍ମୟୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବସନ୍ତ କୁମାର ଶିଆଳ ଭାରତ ଏବଂ ଓଡ଼ିଶା ଉପରେ ଗୁପ୍ତ ସାମ୍ରାଜ୍ୟର ସାମାଜିକ ପ୍ରଭାବ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ନମିତା, ସ୍ମୃତି, ସସ୍ମିତା, ଯାଜ୍ଞସେନୀ ସନ୍ଦର୍ଭ ପାଠ କରିଥିଲେ । ବିଷୟ ବିଶାରଦ ପ୍ରାଧ୍ୟାପକ ବିକ୍ରମ କେଶରୀ ମହାପାତ୍ର ଓଡ଼ିଶାରେ ଗୁପ୍ତ ସାମ୍ରାଜ୍ୟର ଭୌଗୋଳିକ ସ୍ଥିତି ସହ ସୋରରେ ପ୍ରାପ୍ତ ହୋଇଥିବା ତାମ୍ର ଶାସନରେ ଗୁପ୍ତ ଧର୍ମ ସମ୍ପର୍କ ଏବଂ ତତ୍କାଳୀନ ଓଡ଼ିଶାର ଜୈବିକାର୍ଜ୍ଜନ ଓ ବର୍ଣ୍ଣ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷଣୀୟ ସନ୍ଦର୍ଭ ଉପସ୍ଥାପନା କରିଥିଲେ । ଅଧ୍ୟାପକ ଧୀରେନ କୁମାର ପାତ୍ର ଓଡ଼ିଶାରେ ଗୁପ୍ତ ସାମ୍ରାଜ୍ୟର କଳା ଓ ସ୍ଥାପତ୍ୟ ଉପରେ ତଥ୍ୟ ପ୍ରଦାନ କରିଥିଲେ । ସସ୍ମିତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ନମିତା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଜଳେଶ୍ୱର, ୧୩।୧୧(ନବୀନ ସାହୁ)

ଜଳେଶ୍ୱର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶିଖରପୁର ସ୍କୁଲ ପଡିଆ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସଭାପତିତ୍ୱ କରିଥିଲେ । ଭୋଗରାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ କୁମାର ସାହୁଙ୍କ ଆହ୍ୱାନରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରବିନାରାୟଣ ପଟ୍ଟନାୟକ, ଜିଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଜିତା ବେଜପତି, ଶିଖରପୁର ସରପଞ୍ଚ ବିଦ୍ୟାଧର ମଲ୍ଲିକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ଲେଙ୍କା, ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜୀବନକୃଷ୍ଣ ସାହୁ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଅଜିତ କୁମାର ସାମଲ, ଜଳେଶ୍ୱର ସହକାରୀ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିଲୋଚନ ମହାପାତ୍ର, ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ଦେ, ବସ୍ତା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲଲାଟେନ୍ଦୁ କେଶରୀ ଦାସ, ସିଡିପିଓ ମୀନତି ସିଂ, ବ୍ଲକ ଜୀବିକା ମିଶନ ସଂଯୋଜକ ନିରଞ୍ଜନ ନାୟକ, ବ୍ଲକ ମିଶନ ଶକ୍ତି ସଂଯୋଜକ ସନ୍ତୋଷ କୁମାର ମିଶ୍ର, କୃଷି ଓ କୃଷି ଯନ୍ତ୍ରପାତି, ପ୍ରାଣୀ ସମ୍ପଦ ଅଧୀନ ଗାଈ ଓ ମଇଁଷି, ଉଦ୍ୟାନ ବିଭାଗର ବିଭିନ୍ନ ଫଳ ଓ ତୈଳ ଜାତୀୟ ପଦାର୍ଥ ପ୍ରଦର୍ଶନ କରାଯାଇଥିଲା ।




ଶିଖରପୁର ସ୍କୁଲ ପଡିଆ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଉପସ୍ଥିତ ଅତିଥି ।

## ଝିଙ୍କିରିଆରେ ସ୍ୱାସ୍ଥ୍ୟସେବା ଶିବିର

ଖଇରା, ୧୩।୧୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଝିଙ୍କିରିଆ ସତ୍ୟଶିବ ସୁନ୍ଦର ହାଇସ୍କୁଲ ପରିସରରେ ସ୍ୱାସ୍ଥ୍ୟସେବା ଶିବିର ହାଇଟେକ ମେଡିକାଲ କଲେଜ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗରୁ ଆସିଥିବା ବିଶେଷଜ୍ଞ ଡା. ଆଶିଷ ପାଣି, ଡା.ପ୍ରତୀକ କୁମାର ଦାଶ, ଡା. ଚୈତନ୍ୟ ଆଦଲା, ଡା. ମଳୟ ଦେଠା, ଡା. କୌଶିକ ବେହେରା, ପ୍ରଭାଶିଷ ମେଣ୍ଡୁଲି, ସୂର୍ଯ୍ୟକାନ୍ତ ସାମଲଙ୍କ ଦ୍ୱାରା ୮ଶହରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ, ରକ୍ତ ଓ ଇସିଜି ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା । ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରଧାନଶିକ୍ଷକ ଅଜୟ ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ସୁତାର, ବିଜୟ ସୁତାର, ରଥ ସୁତାର, ସ୍ଥାନୀୟ ସରପଞ୍ଚ ନିରୁପେନ୍ଦ୍ରବିଭୋ ମାଝୀ, ସମିତିସଭ୍ୟା ରଶ୍ମିତା ଜେନା, ଯୁବନେତା ନୀଳମାଧବ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

ବାଲିଆପାଳ, ୧୩।୧୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଗୁରୁବାର ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ଅଧ୍ୟାପିକା ଶାନ୍ତିଲତା ଗିରି, ବରିଷ୍ଠ ଅଧ୍ୟାପକ ସଚ୍ଚିଦ୍ର ନାଥ ଦତ୍ତ, କିଶୋର ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସି, ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ମନୋଜ କୁମାର ମହାପାତ୍ର, କାମିନୀକାନ୍ତ ମହାନ୍ତି, ସଞ୍ଜୟ କୁମାର ଡାକୁଆ, ସୁଦର୍ଶନ ରଣା, ଶୁଭାଞ୍ଜଳି ରାଉତ, ରଞ୍ଜିତ କୁମାର ସାହୁ, ବିଜୟ କୁମାର ନାୟକ, ମେଘମାଳା ପଡ଼ିଆରୀ, ଦୁର୍ଗାଶଙ୍କର ନାୟକ ପ୍ରମୁଖ ଯୋଗଦେଇ ୨୦୨୬ ଫେବୃଆରୀରେ ମହାବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବାର ସିଦ୍ଧାନ୍ତ ନିଆଯାଇଛି । ଏହି ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ, ଅବସରପ୍ରାପ୍ତ ଅଧ୍ୟାପିକାଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ପୂର୍ବତନ ପରିଚାଳନା ସମିତି ସଦସ୍ୟ, ଶିକ୍ଷାବିତ୍ ଓ ଅନୁଷ୍ଠାନପ୍ରେମୀ, ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସହଯୋଗ କରିଥିବା ସମସ୍ତ ଉଦ୍ୟୋଗୀଙ୍କ ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ମତାମତ ଗ୍ରହଣ କରାଯାଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଅଧ୍ୟକ୍ଷ ରାଉତ କହିଛନ୍ତି । ଶେଷରେ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## ୧୫ରୁ ବଟେଶ୍ୱର ୟୁଥ କ୍ଲବ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୩।୧୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡାଣ ଗ୍ରାମର ବଟେଶ୍ୱର ୟୁଥ କ୍ଲବ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟଶିବିର ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆସନ୍ତା ୧୫ରୁ ୨୫ତାରିଖ ମଧ୍ୟରେ ହେବ ବୋଲି ଗୁରୁବାର ପ୍ରାତଃକାଳରେ ବଡାଣ ବଟେଶ୍ୱର ଶିବମନ୍ଦିର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ଅଜିତେନ ଦାସ ସୂଚନା ଦେଇଛନ୍ତି । ଆସନ୍ତା ୧୫ତାରିଖରେ ରକ୍ତଦାନ ଶିବିର, ୧୬ରେ ସ୍ୱାସ୍ଥ୍ୟ ଶିବିର, ୨୧, ୨୨, ୨୩ ତିନିଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ବନାରସ ଓ ପୁରୀରୁ ପଣ୍ଡିତମାନଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ୨୪ ଓ ୨୫ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ୨ହଜାର ଲୋକଙ୍କ ପାଇଁ ପ୍ରସାଦସେବନ କରାଯିବ ବୋଲି କୁହାଯାଇଛି । ଏହି ସମ୍ମିଳନୀରେ ସମ୍ପାଦକ ଦୀପକ କୁମାର ଗିରି, ଗୌରୀଶଙ୍କର ପାତ୍ର, ସୁଜିତ କୁମାର ଗିରି, ଗୋପାଳ ଚନ୍ଦ୍ର ପାତ୍ର, ଓମ୍ ପ୍ରକାଶ ସାହୁ, ରଶ୍ମିରଞ୍ଜନ ସେଠୀ, ଚନ୍ଦନ କୁମାର ଗିରି, ମହେଶ ମଣ୍ଡଳ, ତରୁଣକାନ୍ତି ସାହୁ, ଅନନ୍ତ ଦତ୍ତ, ନରହରି କାମିଲା, ଶଶିକାନ୍ତ ଗିରିଙ୍କ ସହିତ ଉପଦେଷ୍ଟା ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ସରୋଜ କର, ଗୌରହରି ଦେ, ଜୟନ୍ତ ଜେନା, ଧୀରେନ୍ଦ୍ର ଜେନା ଓ ଭୀମଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ୟୁଥ କ୍ଲବର କର୍ମକର୍ତ୍ତା ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ଗବେଷକ ଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

## ପୂର୍ବାଞ୍ଚଳ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ ୨୦୨୫'

ବାଲେଶ୍ୱର, ୧୩।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ୬ଜଣ ଗବେଷଣାରତ ଛାତ୍ର ନିରନ୍ତର ଉତ୍କୃଷ୍ଟ ଗବେଷଣା ପ୍ରଦର୍ଶନ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ସମ୍ମାନକୁ ଉଚ୍ଚସ୍ତରରେ ପହଞ୍ଚାଇଛନ୍ତି । ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟି(ଏଆଇୟୁ) ଆନୁକୂଲ୍ୟରେ ଅରୁଣାଚଳ ପ୍ରଦେଶର ପାସିଘାଟସ୍ଥିତ ଏଗ୍ରୋ ପ୍ରଫେସନାଲ ୟୁନିଭରସିଟିଠାରେ ଚଳିତ ୧୧ ଓ ୧୨ ତାରିଖରେ ଆୟୋଜିତ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଗବେଷଣା ସମ୍ମିଳନୀ ଅନ୍ୱେଷଣ ୨୦୨୫ରେ ଯୋଗଦେଇ ଏହି ସଫଳତା ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟ ଗବେଷକ ଦଳ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ, ମୌଳିକ ବିଜ୍ଞାନ ଏବଂ ବହୁମୁଖୀ-ଗବେଷଣା ସହିତ ୪ଟି ମୁଖ୍ୟ ବିଷୟରେ ନୂତନତ୍ୱ ନେଇ ଗବେଷଣା ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ସୁନୀଲ କୁମାର ରୋଣ୍ଡି ଏବଂ ସୁଜିତ କୁମାର ସାହୁ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ ବିଭାଗରେ ନିଜ ଗବେଷଣା ପ୍ରକଳ୍ପ ପାଇଁ ଦ୍ୱିତୀୟ ରନର୍ସ-ଅପ ପୁରସ୍କାର ହାସଲ କରିଛନ୍ତି । ସେମାନଙ୍କ ଉନ୍ନତ ଆବିଷ୍କାରକ ଧାରଣା, ଯାହା ଗ୍ରାମୀଣ ଜୀବିକା, ଖାଦ୍ୟ ସୁରକ୍ଷା ଏବଂ ସ୍ଥିରତା ସହ ଜଡିତ ରହିଥିବା ବିଚାରକମାନଙ୍କୁ ପ୍ରଭାବିତ କରିଥିଲା । ସେହିପରି ଅନ୍ୟ ଅଂଶଗ୍ରାହୀ ଗବେଷକମାନେ ହେଲେ ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନରେ ଜ୍ୟୋତିପ୍ରକାଶ ମହାନ୍ତି ଓ ଜୀବବିଜ୍ଞାନ, ବାୟୋଟେକ୍ନୋଲୋଜି ବିଭାଗର ଶୁଭେନ୍ଦୁ ଶେଖର ପାଣି, ମୌଳିକ ବିଜ୍ଞାନରେ ରସାୟନ ବିଭାଗର ଗୌତମଚନ୍ଦ୍ର ମଲ୍ଲିକ, ବହୁମୁଖୀ ବିଷୟକ ଗବେଷଣାରେ ସୌମ୍ୟରଞ୍ଜନ ଦାଶ (ସେଣ୍ଟର ଫର୍ ରିସର୍ଚ୍ଚ ଅନ ହର୍ସସୁ କ୍ରାବ) । ଅକ୍ଟୋବର ୧୬ରେ ବିଶ୍ୱବିଦ୍ୟାଳୟ ପରିସରରେ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ବିଷୟ ଚୟନକର୍ତ୍ତା ମାନଙ୍କ ଯୋଗଦେଇ ମୂଲ୍ୟାୟନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟିର ସଙ୍ଗଠନ ଏବଂ ସମନ୍ୱୟ ଛାତ୍ର କଲ୍ୟାଣ ବିଭାଗ ଦ୍ୱାରା ହୋଇଥିଲା । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଏବଂ ଅନ୍ୱେଷଣ ସମନ୍ୱୟକାରୀ ଡ଼. ନିହାର ରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସଫଳ ଗବେଷକ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିବିଧ ଗବେଷଣାର ଉତ୍ସ ଓ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନବୀନତାକୁ ଆଧାର କରି ସାମାଜିକ ତଥା ଜାତୀୟସ୍ତରରେ ଉନ୍ନତି ଲକ୍ଷ୍ୟକୁ ଅଗ୍ରସର କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ।



ଏଫ୍‌ଏମ୍‌ୟୁ ଗବେଷକ ଛାତ୍ରଙ୍କୁ ସମ୍ମାନିତ କରାଯାଇଛି ।

# ଅଙ୍ଗନୱାଡି ଛୁଟି ପରେ ବିଦ୍ୟାଳୟ ଆରମ୍ଭ

**କେନ୍ଦୁଝର, ୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଅବହେଳିତ ବଡ଼ବିଲ ସରକାରୀ ପ୍ରାଥମିକ ବିଦ୍ୟାଳୟ**

- ଭଗ୍ନ ଅବସ୍ଥାରେ ୨ ଶ୍ରେଣୀଗୃହ
- ଅଧାରୁ ଅଧିକ ପିଲା ସ୍କୁଲ ଛାଡ଼ିଲେଣି

କେନ୍ଦୁଝର ସଦର ବ୍ଲକ୍ ନରଣପୁର ପଞ୍ଚାୟତ ବଡ଼ବିଲ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ଏହାର ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଦୀର୍ଘ ୧୫ ବର୍ଷ ହେଲା ଘରର କୋଠା ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅସୁରକ୍ଷିତ ଶ୍ରେଣୀ କୋଠରିରେ ପାଠ ପଢ଼ିବାକୁ ପିଲା ଡରୁଛନ୍ତି। ଅନେକ ସମୟରେ ପାଖରେ ଥିବା ଅଙ୍ଗନୱାଡି ଛୁଟି ହେବା ପରେ ବିଦ୍ୟାଳୟ ଚାଲୁଥିବା ଦେଖାଯାଇଛି। ଗୋଟିଏ କୋଠରିରେ ଅଙ୍ଗନୱାଡି ଓ ବିଦ୍ୟାଳୟ ଚାଲୁଥିବାରୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଏଣୁ ବାଧହୋଇ ଅଭିଭାବକ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ନେଇ ଯାଉଥିବା ଦେଖାଯାଉଛି।

ପ୍ରକାଶ ଯେ, ବିଦ୍ୟାଳୟଟି ୧୯୫୯ରେ ସ୍ଥାପନ ହୋଇଥିଲା। ଏହା ପ୍ରଥମେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପିଲା ପାଠ ପଢୁଥିଲେ। ଆଖପାଖ ଅଞ୍ଚଳର ବହୁ ପିଲା ଏଠାକୁ ଆସୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ପ୍ରାୟ ୮ ବର୍ଷ ହେବ ଶ୍ରେଣୀକକ୍ଷ ଅଭାବ, ପିଲା ନ ଆସିବାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ବନ୍ଦ କରି ଦିଆଗଲା। ଏବେ ବିଦ୍ୟାଳୟରେ ମାତ୍ର ୨ ଟି ଶ୍ରେଣୀ କକ୍ଷ ରହିଥିବା ବେଳେ ୨ ଟି ଯାକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୋଟିଏ କକ୍ଷରେ ଅଙ୍ଗନୱାଡି ପିଲାଙ୍କ ସହ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଅନେକ ସମୟରେ ଅଙ୍ଗନୱାଡି ଛୁଟି ପରେ ବିଦ୍ୟାଳୟ ଚାଲୁଛି। ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ଅନେକ ଅଭିଭାବକ ପିଲାଙ୍କ ଭବିଷ୍ୟତ ପାଇଁ ଅନ୍ୟତ୍ର ନେଇଯାଉଛନ୍ତି। ଭଙ୍ଗା ଶ୍ରେଣୀ ଗୃହ ସାଙ୍ଗକୁ ପାଚେରି ନ ଥିବାରୁ ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ପଢୁଛନ୍ତି। ଏକଦା ସ୍କୁଲରେ ୫୦ରୁ ୬୦ ପିଲା ପାଠ ପଢୁଥିଲେ। ଏବେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୨୫ ଜଣ ପିଲା ପଢୁଛନ୍ତି। ସେହିପରି ୩ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିଲେ ହେଁ ଜଣେ ଭୁବନେଶ୍ୱରକୁ ଡେପୁଟେଶନରେ ପଳାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ମମତା ଦାସ କହିଛନ୍ତି, ଏ ନେଇ ବାରମ୍ବାର ଶିକ୍ଷା ବିଭାଗକୁ ସୂଚନା ଦେଉଛୁ। ଅଙ୍ଗନୱାଡି ଛୁଟି ପରେ ସେହି କକ୍ଷରେ ସ୍କୁଲ ପିଲାଙ୍କୁ ବସାଇ ପାଠ ପଢ଼ାଯାଉଛି। ଅସୁରକ୍ଷିତ ଘର ଯୋଗୁ ଅଭିଭାବକ ପିଲାଙ୍କୁ ଅନ୍ୟତ୍ର ନେଇଯାଉଛନ୍ତି।



ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ।

ସୂଚନାଯୋଗ୍ୟ, ୨୦୧୩ରେ ସରକାରଙ୍କ ତରଫରୁ ନୂତନ ଶ୍ରେଣୀଗୃହ ନିମନ୍ତେ ୮ ଲକ୍ଷ ୮୦ ହଜାର ଟଙ୍କା ଆସିଥିଲା। ମାତ୍ର ବିଦ୍ୟାଳୟଟି ଜଣେ ଆଦିବାସୀଙ୍କ ଜମିରେ ଥିବାରୁ ତାଙ୍କ ଉତ୍ତରାଧିକାରୀ ନୂତନ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାମକୁ ବିରୋଧ କରୁଛନ୍ତି। ତେଣୁ ବିଦ୍ୟାଳୟ ନିକଟରେ ଥିବା ସରକାରୀ ଜମି ଚିହ୍ନଟକରି ନୂତନ ଶ୍ରେଣୀଗୃହ ନିର୍ମାଣ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ପରେ କଣ୍ଡରାପଶି ନିକଟରେ ସରକାରୀ ଜମି ଚିହ୍ନଟ ହୋଇଛି। ମାତ୍ର କେବେ ସ୍କୁଲ ନିର୍ମାଣ ହେବ ଓ ପିଲାଙ୍କ ଭାଗ୍ୟ ବଦଳିବ ସେ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସ୍କୁଲ ଫେରିଲେ ୧୩୫ ଛାତ୍ର



ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

**ଚମ୍ପୁଆ, ୧୩।୧୧ (ମହେଶ୍ୱର ଦାସ)**

**ଆସ ସ୍କୁଲ ଯିବା ଯୋଜନା**

ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ମୁହାଁ କରିବା ତଥା ଶିକ୍ଷା ସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆସ ସ୍କୁଲ ଯିବା ଯୋଜନା ଆରମ୍ଭ କରାଯାଇଛି। ଯୋଜନାକୁ କଡ଼ାକଡ଼ ପାଳନ ପୂର୍ବକ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇ ଅଧାରୁ ପାଠ ଛାଡ଼ିଥିବା ୧୩୫ ଜଣଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯାଇଛି। ଏ ନେଇ ଗୁରୁବାର ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ୍‌ର ୨୧୧ ଗୋଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ରହିଥିବା ବେଳେ ସରକାରୀ ବିଦ୍ୟାଳୟ ମଧ୍ୟରୁ ୩୮ ଗୋଟି ଉଚ୍ଚ ବିଦ୍ୟାଳୟ, ୪୬ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୮୬ ଗୋଟି ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟ ମଧ୍ୟରୁ ୬ ବର୍ଷରୁ ୧୪ ବର୍ଷ ମଧ୍ୟରେ ୧୫୨ ଜଣ, ୧୪ ବର୍ଷରୁ ଉର୍ଦ୍ଧ୍ୱ ୩୦୩ ଜଣ ଛାତ୍ରୀଛାତ୍ରଙ୍କୁ ମିଶାଇ ୪୫୫ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ି ଦେଇଥିଲେ। ଗତ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ଏହାର ସମୀକ୍ଷା ହୋଇଥିଲା। ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୨୮୭୪, ୨୧ ଅଗଷ୍ଟ ୨୦୨୫ ଅନୁଯାୟୀ ବିଭିନ୍ନ ବିଦ୍ୟାଳୟର ଅଧା ପାଠ ଛାଡିଥିବାର ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଆସ ସ୍କୁଲ ଯିବା ଯୋଜନା ମାଧ୍ୟମରେ ବର୍ତ୍ତମାନ ସୁଧା ୬ରୁ ୧୪ ବର୍ଷ ମଧ୍ୟରେ ୬୯ ଜଣଙ୍କୁ ଓ ୧୪ ବର୍ଷରୁ ଉର୍ଦ୍ଧ୍ୱ ୬୬ ଜଣଙ୍କୁ ମିଶାଇ ୧୩୫ ଜଣଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯାଇଛି। ଏଥିସହିତ ଆଗାମୀ ଦିନରେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ପ୍ରୟାସ ଚାଲିଛି। ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଓ ସୁବିଧା ଯୋଗ୍ୟ ବିଦ୍ୟାଳୟଗୁଡ଼ିକରେ ବୟସ ଅନୁପାତରେ ଭର୍ତ୍ତି କରାଯାଇଥିବା ବୋଲି ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବଉଲା, ୧୩।୧୧ (ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ିଆରିପଲ୍ଲୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗୃହ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ନୂତନ କାର୍ଯ୍ୟାଳୟ ପାଇଁ ୩ ବର୍ଷ ପୂର୍ବରୁ ସରକାର ଅନୁଦାନ ଘୋଷଣା ହୋଇଥିଲା। ଘର ସମ୍ପୂର୍ଣ୍ଣ ହେବା ପରେ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ବି କାର୍ଯ୍ୟାଳୟଟି କାର୍ଯ୍ୟକ୍ଷମ ହେଉ ନ ଥିଲା। ଫଳରେ ନୂତନ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିଲା। ଆରଆଇ ସନ୍ଦିପ୍ କୁମାର ପରିଡ଼ା ନୂତନ କାର୍ଯ୍ୟାଳୟରେ ପୂଜାପାଠ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘ ଦିନ ହେଲା ପଢ଼ିଆରିପଲ୍ଲୀ ଆରଆଇ କାର୍ଯ୍ୟାଳୟଟି ସୋସୋ ଆରଆଇ କାର୍ଯ୍ୟାଳୟରେ ଚାଲିଥିଲା। ପଢ଼ିଆରିପଲ୍ଲି ନୂତନ ଆରଆଇ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଲୋକମାନେ ଏଠାରେ ସମସ୍ତ ପ୍ରକାର ସୁବିଧା ପାଇବେ ବୋଲି କହିଥିଲେ।

# ଏକତା, ଦେଶପ୍ରେମର ବାର୍ତ୍ତା ବାଣ୍ଟିଲା ପଦଯାତ୍ରା


ପଦଯାତ୍ରାରେ ଯୋଗଦେଇଥିବା ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ।

**କେନ୍ଦୁଝର, ୧୩।୧୧ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରରେ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଏକତା ପଦଯାତ୍ରା କରାଯାଇଛି। ଜିଲାରେ ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ପଦଯାତ୍ରା ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ପରିସରରୁ ଆରମ୍ଭ ହୋଇ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆଠାରେ ଶେଷ ହୋଇଥିଲା। ବହୁ ସଂଖ୍ୟକ ଛାତ୍ର, ସ୍ୱେଚ୍ଛାସେବକ ଏବଂ ନାଗରିକ ପଦଯାତ୍ରାରେ ସର୍ଦ୍ଦାର ପଟେଲଙ୍କ ଜୀବନ ଏବଂ ଅବଦାନ ଦ୍ୱାରା ଅନୁପ୍ରାଣିତ ବ୍ୟାନର ଏବଂ ସ୍ଲୋଗାନ ଧରି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆତ୍ମାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତି ଏବଂ ଶାନ୍ତି ପାଇଁ ସାମୂହିକ ଭାବରେ କାମ କରିବା ପାଇଁ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଏକ ଶପଥପାଠ ଉତ୍ସବ ସହିତ ଏକତା ପଦଯାତ୍ରା ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇର ବିଧାୟକ ଡା. ଫକୀରମୋହନ ନାଏକ, ପାଟନା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଓ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲେ।

# କୂଅରେ ଝୁଲୁଥିବା ବାର୍‌ହା ଉଦ୍ଧାର

**ଫାଶ ଲଗାଇବା ସନ୍ଦେହରେ ୨ ଅଟକ**


କୂଅରୁ ଉଦ୍ଧାର ହୋଇଥିବା ବାର୍‌ହା।

**ବଡ଼ବିଲ, ୧୩।୧୧ (ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ସେଡିଂ ବସ୍ତିସ୍ଥିତ ଏକ କୂଅରେ ବନ୍ଧାହୋଇ ଝୁଲୁଥିବା ଏକ ବାର୍‌ହାକୁ ଗୁରୁବାର ବନ ବିଭାଗ ଉଦ୍ଧାର କରିଛି। ଘଟଣାରେ ଫାଶ ଲଗାଇବା ସନ୍ଦେହରେ ବନ ବିଭାଗ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ବଡ଼ବିଲ ଥାନା ସେଡିଂ ବସ୍ତିରେ ଥିବା କୂଅରେ ବାର୍‌ହା ବନ୍ଧାହୋଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ବନ ବିଭାଗ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବିଭାଗ ସହାୟତାରେ ବନ ବିଭାଗ ବାର୍‌ହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଗତ ବୁଧବାର ରାତିରେ କେହି ବାର୍‌ହା ଶିକାର କରିବାକୁ ଉକ୍ତ ଫାଶ ଲଗାଇ ଧରିବା ପରେ ଗୋଡ଼ମୁହଁ ବାନ୍ଧି କୂଅରେ ଝୁଲାଇ ଦେଇଥିବା ବନ ବିଭାଗ ଆଶଙ୍କା କରିଛି। ବାର୍‌ହାଟିକୁ ଉଦ୍ଧାରକରି ବଡ଼ବିଲ ବନ୍ୟାଞ୍ଚଳ କାର୍ଯ୍ୟାଳୟ ପରିସରକୁ ନିଆଯାଇ ଏକ ପିଞ୍ଜରାରେ ରଖାଯାଇଛି। ଉଚ୍ଚ ଅଧିକାରୀଙ୍କ ଅନୁମତି ପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଜଣାପଡ଼ିଛି। ତେବେ ଫାଶ କିଏ ଲଗାଇଥିଲା ତାହା ଜଣାପଡ଼ିନାହିଁ। ସନ୍ଦେହରେ ବନ ବିଭାଗ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ କହିଛନ୍ତି।

# କେନ୍ଦୁଝର ହ୍ୟାଣ୍ଡବଲ ଦଳର ପୁରୀ ଯାତ୍ରା

**୩୮ତମ ଆନ୍ତଃରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍**


ପୁରୀ ଗସ୍ତ କରିଥିବା କେନ୍ଦୁଝରର ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ଦଳ।

**କେନ୍ଦୁଝର, ୧୩।୧୧ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

ରାଜ୍ୟ ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ପୁରୀଠାରେ ୩୮ତମ ଆନ୍ତଃରାଜ୍ୟ ସିନିୟର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁଯାଉଛି। ଏଥିରେ ଭାଗ ନେବାକୁ କେନ୍ଦୁଝରର ପୁରୁଷ ଓ ମହିଳା ଦଳ କୋଚ୍ ପ୍ରଣୟ କୁମାର ପାଣି ଓ ରବିନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ପୁରୀ ଯାତ୍ରା କରିଛି। ପ୍ରତ୍ୟେକ ଦଳରେ ଜାତୀୟସ୍ତରର ଖେଳାଳୀ ଅଛନ୍ତି। ଦଳ ଭଲ ପ୍ରଦର୍ଶନ କରିବ ବୋଲି ସଭାପତି ଇଂ. ବସନ୍ତ ଦାନୀ ଓ ସମ୍ପାଦକ ଗିତିକ ଅଧିକାରୀ କହିଛନ୍ତି। ଦଳ ସହ ଅଫିସିଆଲ ଭାବରେ ଶୁକଦେବ ନାଏକ, ସସ୍ମିତା ବିଶାଳ ଓ ମମତା ନାଏକ ପୁରୀ ଗସ୍ତ କରିଛନ୍ତି। ଚଳିତ ମାସ ୧୪ ତାରିଖରୁ ୧୬ ତାରିଖ ୩ ଦିନ ଧରି ଚାଲିବାକୁ ଥିବା ଚାମ୍ପିୟନଶିପ୍‌ରେ ରାଜ୍ୟର ସମସ୍ତ ଜିଲାର ପୁରୁଷ ଓ ମହିଳା ଦଳ ଭାଗ ନେବେ। ଯେଉଁ ଖେଳାଳୀମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଆଗାମୀ ଓଡ଼ିଶା ଦଳରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ।

# ଦୋଷୀଙ୍କୁ ୨ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ଉତ୍ପୀଡ଼ନ ମାମଲା**

**କେନ୍ଦୁଝର, ୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକାଙ୍କୁ ଉତ୍ପୀଡ଼ନ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାରକରି ନନ୍ଦିପଦା ଥାନା ଅନ୍ତର୍ଗତ ଅଂରା ଗ୍ରାମର ଅଭିଯୁକ୍ତ ସପନ ନାଏକ(୨୨)ଙ୍କୁ ଦୋଷୀ ସାବ୍ୟସ୍ତକରି ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ରେ ୧୭ ବର୍ଷର ନାବାଳିକା ଭଦ୍ରକ ରୟାଲ କଲେଜରେ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ସମ୍ପାଦନ କରୁଥିଲେ। ସେ ସମୟରେ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ପ୍ରକାର ଧମକ ସହ ତାଙ୍କ ଫଟୋ ଭାଇରାଲକରି ହଇରାଣ କରିଆସୁଥିଲେ। ଘଟଣାକୁ ନେଇ ପୀଡ଼ିତାଙ୍କ ବାପା ଦୈତାରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ଦୈତାରି ପୋଲିସ ଏକ ମାମଲା(ନଂ. ୬୦/୧୯) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପୋକ୍ସୋ ଧାରା ୧୨ ଅନୁଯାୟୀ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମକଦ୍ଦମା ପରିଚାଳନା କରୁଥିଲେ।

# ପୁଣି ୱାର୍ଡସଭ୍ୟଙ୍କ ଧାରଣା

**ଆନନ୍ଦପୁର, ୧୩।୧୧ (ସୁଶାନ୍ତ କୁମାର ସାହୁ)**

**କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ସଭ୍ୟାସଭ୍ୟ ଗୁରୁବାର ପୁଣି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ପୂର୍ବରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଉପଜିଲାପାଳଙ୍କୁ ଭେଟିଥିଲେ। କୌଣସି ପ୍ରକ୍ରିୟା ଆରମ୍ଭ ନ ହେବାରୁ ପୁନର୍ବାର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ୱାର୍ଡ ସଭ୍ୟାସଭ୍ୟ କହିଛନ୍ତି।

ପ୍ରକାଶ ଯେ, ସେପ୍ଟେମ୍ବର ୧ରେ ସରପଞ୍ଚଙ୍କ ବିରୋଧରେ ୮ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ବିଡିଓଙ୍କ ଦ୍ୱାରା ୨୬ ସେପ୍ଟେମ୍ବରରେ ଦସ୍ତଖତ ଯାଞ୍ଚ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଭୁଲ ଫର୍ମାଟରେ ଦାଖଲ ହୋଇଥିବା କହି ପୁନର୍ବାର ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓଙ୍କ ଚ୍ୟାମ୍ବରରେ ନଭେମ୍ବର ୨୭ରେ ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଯାଇ ରିପୋର୍ଟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତଥାପି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ନଭେମ୍ବର ୩ରେ ୱାର୍ଡ ସଭ୍ୟାସଭ୍ୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଉପଜିଲାପାଳ ନୀଳମାଧ ସୁନା ଇଲେକ୍ସନ ତାରିଖ ଦିନକ ଭିତରେ ଘୋଷଣା ହୋଇଯିବ ବୋଲି କହିବାରୁ ଧାରଣାରୁ ହଟିଥିଲେ। ଏହାରି ମଧ୍ୟରେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ଚିଠି ନ ହେବାରୁ ପୁଣି ଧାରଣାରେ ବସିଥିଲେ। ଉପଜିଲାପାଳ କାର୍ଯ୍ୟାଳରୁ ଚିଠି ହୋଇଥିବା ଏକ ନକଲ ଦେଖାଇବା ପରେ ସଭ୍ୟାସଭ୍ୟ ଧାରଣରୁ ଉଠିଥିଲେ। ଚିଠି ମୁତାବକ ଅନାସ୍ଥା ପ୍ରସ୍ତାବକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ୩ ଡିସେମ୍ବରରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଚିଠି ମାଧ୍ୟମରେ ବିଡିଓଙ୍କୁ ଜଣାଯିବା ସହ ସମସ୍ତ ସଭ୍ୟାସଭ୍ୟଙ୍କ ପାଖକୁ ଏକ ନକଲ ପଠାଯିବ। ପଞ୍ଚାୟତ କାର୍ଯ୍ୟାଳୟ ବୋର୍ଡରେ ମଧ୍ୟ ମରାଯିବ ବୋଲି ଉପ ଜିଲାପାଳ କହିଛନ୍ତି।


ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ୱାର୍ଡ ସଭ୍ୟାସଭ୍ୟ ଓ ଜନସାଧାରଣ।

# 'ପ୍ରାଣିସମ୍ପଦ ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହୋଇପାରିବେ'

**ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା**

**ଆନନ୍ଦପୁର, ୧୩।୧୧ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ା କଲୋନୀ ପଡ଼ିଆଠାରେ ବୁଧବାର ରାଜ୍ୟ ସରକାରଙ୍କ ମତ୍ସ୍ୟ, ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ଆନନ୍ଦପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଅଭିଭାଷଣରେ ମତ୍ସ୍ୟ ଓ ପ୍ରାଣିସମ୍ପଦକୁ ଆୟତ୍ତ କରି ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମହାନ୍ତ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚନ୍ଦ୍ର ଶେଖର ରଥ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତଙ୍କ ସମେତ ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ଜିତେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ମେଳାରେ ଯୋଗଦେଇଥିଲେ। ୬ ଜଣ ଅଗ୍ରଣୀ ଚାଷୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ୩ ଜଣ ଚାଷୀଙ୍କୁ ନୂତନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମେଳାରେ ମତ୍ସ୍ୟ, ପ୍ରାଣୀ, କୃଷି ଏବଂ ଉଦ୍ୟାନ ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଷ୍ଟଲ ଖୋଲାଯାଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉନ୍ନତ ଚାଷ ପ୍ରଣାଳୀ ତଥା ଜ୍ଞାନ କୌଶଳ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଏଥି ମଧ୍ୟରୁ ତରତରା, ବେଲବାହାଳି, ପଣସଡ଼ିହାର ସ୍ୱୟଂ ସହାୟକ ମହିଳାଙ୍କ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଭାଗ୍ୟଶ୍ରୀ ଓଝା ମଞ୍ଚ ପରିଚାଳନା କରିଥିଲେ। ହାଟଡ଼ିହୀ ଭ୍ରାମ୍ୟମାନ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସ୍ମରଣିକା ବିଶ୍ୱାଳ, ଦେଓଗାଁ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶିବପ୍ରସାଦ ନାୟକ, ହାଟଡ଼ିହୀ ସହାୟକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷଦେବ ଓଝା ପରିଚାଳନା କରିଥିବା ବେଳେ ଘସିପୁରା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ୨୨ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

କେନ୍ଦୁଝର,୧୩।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜେଲରୁ ଫେରାର ଥିବା ପଳାତକଙ୍କୁ ଦୀର୍ଘ ୨୨ ବର୍ଷ ପରେ କେନ୍ଦୁଝର ଟାଉନ ଥାନା ପୋଲିସ ଗିରଫ କରିଛି। ଦୋଷୀ ଜଣଙ୍କ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମିର ଜୟପ୍ରକାଶ ଲାଗୁରୀ (୫୭)। ଉକ୍ତ ଦୋଷୀ ୧୯୯୭ରେ ଚାମପୁଆ ଥାନା ଅଧୀନ ଏକ ହତ୍ୟା ମାମଲାରେ ଗିରଫ ହୋଇ ୧୯୯୮ରେ କେନ୍ଦୁଝର ଅଧିବେଶନ ଅଦାଲତ ଦ୍ୱାରା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ୨୦୦୩ରେ ୧୪ ଦିନର 'ଫରଲୋ ଛୁଟି' ନେଇ ଘରକୁ ଯାଇଥିଲେ। ପରେ ଆଉ ଫେରି ନ ଥିଲେ। ୨୨ ବର୍ଷ ଧରି ପଳାତକ ରହିବା ପରେ ଟାଉନ ପୋଲିସ ତାଙ୍କୁ ଗିରଫ କରି ଅଦାଲତରେ ଉପସ୍ଥାପନ କରିଛି।

# ସମ୍ବିଧାନ ଦିବସ ପାଳନ ପ୍ରସ୍ତୁତି

କେନ୍ଦୁଝର,୧୩।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): ନଭେମ୍ବର ୨୬ ଆମ ଆଦମୀ ପାର୍ଟିର ପ୍ରତିଷ୍ଠା ଓ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ଜିଲା ସଭାପତି ପ୍ରେମାନନ୍ଦ ସିଂଙ୍କ ଆହ୍ୱାନ କ୍ରମେ ଏକ ପ୍ରସ୍ତୁତି ବୈଠକ କେନ୍ଦୁଝର ଲାବନ୍ୟ ଛକ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ନିମନ୍ତେ କେନ୍ଦୁଝର ଜିଲାର ପ୍ରତ୍ୟେକ ଅଞ୍ଚଳରେ ସଚେତନତା ସଭା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୪ ନଭେମ୍ବରଠାରୁ ଆରମ୍ଭ କରି ୨୧ ନଭେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ନଭେମ୍ବର ୨୬ରେ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଜୈନୁଲ ଆବେଦିନ, ଜିଲା ସମ୍ପାଦକ ଶୁଭଙ୍କର ମହାନ୍ତି, ଶଶାଙ୍କ ଶେଖର ସାହୁ, ଜିଲା ଯୁବ ସଭାପତି ପ୍ରୀତିଶ ହେମ୍ବ୍ରମ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ନାଏକ, ପାଟଣାରୁ ଗଣେଶ୍ୱର ପାତ୍ର, ଦିପୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଚାଷ କରିଛନ୍ତି ୨୦ ହଜାରରୁ ଅଧିକ ଚାଷୀ

## ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା

କେନ୍ଦୁଝର,୧୩।୧୧
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)



କର୍ମଶାଳାରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

କେନ୍ଦୁଝର ଜିଲାରେ ଚଳିତ ଖରିଫ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ତରଫରୁ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାଗୀରଥି ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ଚାଷୀଙ୍କୁ ସମୃଦ୍ଧ କରିବା ସହିତ ଆୟକୁ ୨ ଗୁଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ତାହାର ଲାଭ କିପରି ଭାବରେ ଚାଷୀ ପାଇବେ ସେଥିପ୍ରତି ସମସ୍ତ କାର୍ଯ୍ୟକର୍ତ୍ତା କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ଖରିଫ ଧାନ କିଣା କାରବାର କଟ୍‌ନୀ ଛଟ୍‌ନୀ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଜିଲାରେ ଖରିଫ ଧାନ ଗତ ବର୍ଷ ୫୯ ହଜାର ଚାଷୀ ବିକ୍ରି କରିଥିବା ବେଳେ ଚଳିତ ବର୍ଷ ୭୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ୨୦ ହଜାର ଅଧିକ ଚାଷୀ ଜିଲାରେ ଧାନ ଚାଷ କରିବା ଏକ ଐତିହାସିକ ଲକ୍ଷଣ ଓ ଶୁଭ ସଙ୍କେତ ବୋଲି ମହେଶ୍ୱର କହିଥିଲେ। କର୍ମଶାଳାରେ ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ତେଲକୋଇ ବିଧାୟକ ଫକୀର ନାୟକ, ଭାଜପା ରାଜ୍ୟ ସମ୍ପାଦକ ମମତା ସିଂ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପୃଥିରାଜ କୁଅଁର, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ବରିଷ୍ଠ ଭାଜପା ନେତା ରାଧାକାନ୍ତ ମହାନ୍ତ, ଜିଲା ଭାଜପା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବରିଷ୍ଠ ଭାଜପା ନେତା ଶ୍ରୀଧର ସାହୁ, ସୁବ୍ରତ ମହାନ୍ତି, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ରାଜେଶ ସିଂହ, ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

# ମିଥ୍ୟା ମାମଲା ପ୍ରତ୍ୟାହାର ଦାବି

## ଥାନା ସମ୍ମୁଖରେ ବସିଲେ ଗ୍ରାମବାସୀ

ପାଟଣା,୧୩।୧୧(ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ବ୍ଲକ୍ କୋଡ଼ଖମଣ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମିଥ୍ୟା କେଶ ପ୍ରତ୍ୟାହାର ଦାବିରେ ଗୁରୁବାର ତୁରୁମୁଙ୍ଗା ଥାନା ସମ୍ମୁଖରେ ବସିଥିଲେ। ପୋଲିସ ଗ୍ରାମବସୀଙ୍କୁ ବୁଝାଶୁଝା କରିବା ପରେ ସମସ୍ତେ ଥାନାରୁ ଯାଇଥିଲେ। ଅଭିଯୋଗ ଅନୁସାରେ, ଅଞ୍ଚଳରୁ ହାତୀ ଘଉଡ଼ାଇବା ସମୟରେ ଗ୍ରାମର ରଥ ନାଏକ, ଯଶବନ୍ତ ମହାନ୍ତ ଏବଂ ତପନ ମହାନ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଯାହାକୁ ନେଇ ରଥ ନାଏକଙ୍କ ପକ୍ଷରୁ ତପନ ଏବଂ ଯଶବନ୍ତଙ୍କ ନାମରେ ତୁରୁମୁଙ୍ଗା ଥାନାରେ ଜାତିଆଣ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ତୁରୁମୁଙ୍ଗା ପୋଲିସ ମାମଲା(ନଂ.୨୮୩/୨୫)ରୁଜୁ କରିଥିଲା। ଏସ୍‌ଆଇ କିରଣ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଗୁରୁବାର ତପନ ଓ ଯଶବନ୍ତଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରିଥିଲା। ଏ ନେଇ ଗ୍ରାମର ସୁବାସିନୀ ମହାନ୍ତ, ପୁଷ୍ପାଞ୍ଜଳି ମହାନ୍ତ, ବଉଳ ମହାନ୍ତ, ମନ୍ଦୋଦରି ମହାନ୍ତ, ସୁନାମଣି ମହାନ୍ତ, କୁନ୍ତଳା ମହାନ୍ତ, ଯାଇମତି ନାଏକ, ସରୋଜିନୀ କାରୁଆ, ବେଣୁଧର ମହାନ୍ତ, ଅମୀୟ ନାଏକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ମିଥ୍ୟା ଅଭିଯୋଗ ପ୍ରତ୍ୟାହାର ଦାବି କରି ଥାନା ଗେଟ ସମ୍ମୁଖରେ ବସିଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୧୩।୧୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ନାଗଭଣ ଗ୍ରାମରେ ଜଣେ ମହିଳା ବୁଧବାର ଅପରାହ୍ନରେ ନିଜ ଘରେ ବେକରେ ଉଢ଼ଣୀ ଦ୍ୱାରା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ନାଗଭଣ ଗ୍ରାମର ସେକ୍‌ରାଜଙ୍କ ସ୍ତ୍ରୀ ଖୁସ୍ତୁ ଆରା (୩୨)। ପୋଲିସ ମୃତଦେହ ଜବତ କରି ଗୁରୁବାର ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦/୨୦୨୫)ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ମାନସିକ ଭାରସାମ୍ୟ ହରାଇ ମହିଳା ଜଣକ ଆତ୍ମହତ୍ୟା କରିଥିବା ଜଣାପଡୁଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି।

# ବାଘ ଗଣନା ପାଇଁ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ପାଟଣା,୧୩।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟ ପରିସରେ ଗୁରୁବାର ବାଘ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବନାଞ୍ଚଳ ଇଲାକାରେ ବାଘ ଗଣନା ପାଇଁ ପାଟଣା ବନାଞ୍ଚଳର ସମସ୍ତ ବନପାଳ ଓ ବନରକ୍ଷୀ, ପାରାକର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କେନ୍ଦୁଝର ବନଖଣ୍ଡ ଭୌଗଳିକ ସୂଚନା କେନ୍ଦ୍ର ପରିଚାଳକ ନିହାର ରଞ୍ଜନ ଦାସ ପ୍ରଶିକ୍ଷିକ ଭାବେ ଯୋଗଦେଇ ୩ ଜଣ ବନପାଳ, ୮ ଜଣ ବନରକ୍ଷୀ ଓ ୧୯ ଜଣ ପାରା କର୍ମଚାରୀଙ୍କୁ ବାଘ ଗଣନା ପାଇଁ ସବିଶେଷ ପ୍ରଶିକ୍ଷଣ ଦେଇଛନ୍ତି। ବିଶେଷ କରି ବିଭିନ୍ନ ପ୍ରକାରର ବାଘଙ୍କ ପାଦଚିହ୍ନ କିପରି ଓ ଏହାକୁ କିପରି ଚିହ୍ନଟ କରାଯିବ ସେ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ରାଜେଶ ଜେନା ଓ ଦୀପକ ସ୍ୱାଇଁ, ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲୀରାଣୀ ସାହୁ, ଦେବଯାନୀ ଏବଂ ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ରଞ୍ଜିତା ମହାନ୍ତ, ଦୀପକ ରଣା, ଝରଣା ରାଣୀ ସାହୁ ଓ ୧୯ ଜଣ ପାରା କର୍ମଚାରୀଙ୍କୁ ଏହି ବାଘ ଗଣନା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

# ଏଲିକ୍ସିର-୨୦୨୫ ଉଦ୍‌ଘାଟିତ




ବାରିପଦା,୧୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ରଙ୍ଗାମାଟିଆ ଶଙ୍ଖାଭଙ୍ଗାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସପିଟାଲରେ ଷ୍ଟୁଡେଣ୍ଟ ୟୁନିୟନ ପକ୍ଷରୁ ବାର୍ଷିକ ଉତ୍ସବ 'ଏଲିକ୍ସିର-୨୦୨୫' ଫେଷ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଉତ୍ସବକୁ ମେଡ଼ିକାଲ କଲେଜର ଡିନ୍ ଡା. ପ୍ରତିଭା ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିବା ସହ ପ୍ରତିଭା ପ୍ରଦର୍ଶନର ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିବ ବୋଲି କହିଛନ୍ତି। ଉତ୍ସବର ସଫଳତା ପାଇଁ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ପିଆରଏମ ଷ୍ଟୁଡେଣ୍ଟସ୍ ୟୁନିୟନ ୨୦୨୪-୨୫ ପକ୍ଷରୁ ଆୟୋଜନ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା, ଶକ୍ତି ଓ କଳାତ୍ମକ ଉଦ୍ୟମ ଏହି ମଞ୍ଚରେ ପ୍ରଦର୍ଶିତ ହେବ। ଏହା ସହିତ ମଣ୍ଟୁ ଛୁରିଆ ଏବଂ କବିତା କପୁର ଭଳି ବିଶିଷ୍ଟ କଳାକାର ଏଥିରେ ଯୋଗଦାନ କରିବେ ବୋଲି ଜଣାପଡ଼ିଛି।




# ଗାଈକୁ ଗୋମାତା ଭାବିଲେ ସଫଳତା ମିଳିବ: ମନ୍ତ୍ରୀ

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ତିହିଡ଼ି,୧୩ା୧୧(ସଞ୍ଜିତ ବଳ)

ଗାଈକୁ ପଶୁ ନ ଭାବି ଗୋମାତା ଭାବିଲେ ଗୋପାଳନରେ ନିଶ୍ଚିତ ରୂପେ ସଫଳତା ମିଳିବ। ସରକାରଙ୍କ ପକ୍ଷରୁ ମିଳୁଥିବା ସୁଭଦ୍ରା ଅର୍ଥକୁ ମହିଳାମାନେ ପ୍ରାଣୀ ପାଳନ କ୍ଷେତ୍ରରେ ବିନିଯୋଗ କଲେ ଆର୍ଥିକ ଅଭିବୃଦ୍ଧି ଘଟିବ। ଭଦ୍ରକ ଜିଲା ତିହିଡି ବ୍ଲକ୍ ବାରୋ ପଞ୍ଚାୟତ ଅଧୀନ ଦହପାଣିଆସ୍ଥିତ ବାସୁଳୀ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତ ପ୍ରଦାନ କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ କାମଧେନୁ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଇତ୍ୟାଦି ଯୋଜନାରୁ ଚାଷୀ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଆର୍ଥିକ ସ୍ୱଚ୍ଛଳତା ପାଇଁ ସମସ୍ତେ ମାଛ ଚାଷ ଓ ପ୍ରାଣୀ ପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଡ଼ିଓ ନିରଞ୍ଜନ ବାରିକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡା. ହୃଷୀକେଶ ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ମଞ୍ଚ ସଞ୍ଚାଳନ କରିଥିବା ବେଳେ ଜିଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସତ୍ୟଜିତ ବଳ, ଲମ୍ବୋଧର ମହାନ୍ତି, ଦୀପାଞ୍ଜଳି ସ୍ୱାଇଁ, ପ୍ରବୋଧ ବେହେରା, ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ମହାଲକ୍ଷ୍ମୀ ଓ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶୀଲ କୁମାର ଧଳ ଓ ଜ୍ୟୋତିରଞ୍ଜନ ମିଶ୍ର, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟଜିତ ସାହୁ ଓ ଶୁଭମ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ସମୀର ଚାନ୍ଦ, ହିମାଦ୍ରୀ ଭୂଷଣ ପଣ୍ଡା, ଶାନ୍ତନୁ ଦାସ, ସଙ୍ଗୀତା ପତି, ସୁଚେତା ବେହେରା, ସତ୍ୟରଞ୍ଜନ ଜେନାଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଭାଜପା ନେତା ଦେବେନ୍ଦ୍ର ପୁହାଣ, ରଘୁନାଥ ପତ୍ର, ପ୍ରମୋଦ ଦାସ, ରଘୁନାଥ ମଲିକ, ଶୁକଦେବ ମଲିକ, ସରପଞ୍ଚ ପ୍ରଦୀପ ବଳ, ନିହାରିକା ବିଶ୍ୱାଳ, ଜୟପ୍ରକାଶ ମଲିକ, ନରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବାଲେଶ୍ୱର ଓମ୍‌ଫେଡ଼, ଇଣ୍ଡିଆନ ହବସ, କାମଧେନୁ ଗାଈ, ପାରା ଓ ସବାଇ ଘାସ ଇତ୍ୟାଦି ବିଭିନ୍ନ ଷ୍ଟଲ ଖୋଲିଥିଲା। ପ୍ରାଣୀଧନ ନିରୀକ୍ଷକ ଅନିରୁଦ୍ଧ ନାୟକ, ଝରଣା ନାୟକ, ସଞ୍ଜୀବ ରଞ୍ଜନ ବାରିକ, ବିଶ୍ୱପ୍ରତାପ ବଳ, ମଧୁସ୍ମିତା ରାଉତ, ସତ୍ୟରଞ୍ଜନ ଜେନା, ମାନିନୀ ସାହୁ, ସନାତନ ନାୟକ, ସୁକନ୍ୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଗୋପାଳନ କ୍ଷେତ୍ରରେ ସଫଳତା ପାଇଁ ସତ୍ୟଜିତ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯାଜପୁରରୁ ଧରାପଡ଼ିଲେ ନାବାଳକ ଲୁଟେରା

## ଭ୍ୟାନିଟ ଲୁଟ୍ ଘଟଣା

### ୮୦ ଗ୍ରାମ୍ ସୁନା, ୬୯ ଗ୍ରାମ୍ ରୁପା ଅଳଙ୍କାର ଜବତ

ଭଦ୍ରକ,୧୩ା୧୧(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଥିବା ବେଳେ ଗତ ୧୦ ତାରିଖରେ ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଲୁଟ୍ ହୋଇଥିଲା। ଉକ୍ତ ନାବାଳକ ଲୁଟେରାଙ୍କୁ ଭଦ୍ରକ ଟାଉନ ପୋଲିସ ଯାଜପୁରରୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ନିକଟରୁ ଚୋରି ଅଳଙ୍କାର ଜବତ ହୋଇଛି। ଭଦ୍ରକ ଟାଉନ ଥାନାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସସ୍ମିତ ମାଝୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ପଦ୍ମଲୋଚନ ସ୍ୱାଇଁ ଓ ସ୍ତ୍ରୀ ଚିନ୍ମୟୀ ସାହୁ ଗତ ୧୦ ତାରିଖରେ ତାଙ୍କ ପୁଅକୁ ସାଙ୍ଗରେ ନେଇ ସ୍କୁଟି ଯୋଗେ କଟକରୁ ବାଲେଶ୍ୱର ଯାଉଥିଲେ। ପୂର୍ବାହ୍ନ ୧୦ଟା ୩୦ ସମୟରେ ଚରମ୍ପା ବଜାରରେ ରହି ଏକ ଜଳଖିଆ ଦୋକାନରେ ପୁଅକୁ ଜଳଖିଆ ଖୁଆଉଥିଲେ। ସେ ସମୟରେ ଚିନ୍ମୟୀ ଦୋକାନର ବେଞ୍ଚ ଉପରେ ରଖିଥିବା ତାଙ୍କ ଭ୍ୟାନିଟି ବ୍ୟାଗ୍‌କୁ କେହି ଦୁର୍ବୃତ୍ତ ନେଇଯାଇଥିଲେ। ସେଥିରେ ୧୦୦ ଗ୍ରାମ୍ ସୁନା ଅଳଙ୍କାର ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ଏବଂ ୨୫ ଗ୍ରାମ୍ ରୁପା ଥିଲା। ଏ ନେଇ ଥାନାରେ ଚିନ୍ମୟୀ ଅଭିଯୋଗ କରିବା ପରେ ମାମଲା(ନଂ. ୬୫୭/୨୫) ରୁଜୁ ହୋଇଥିଲା। ପୋଲିସ ନିକଟସ୍ଥ ଦୋକାନର ସିସି କ୍ୟାମେରା ଯାଞ୍ଚ କରିବା ସହ ରେଲୱେ ଷ୍ଟେଶନ ଆଦି ସ୍ଥାନରେ ଛାନ୍‌ଭିନ୍ କରିଥିଲା। ୩ ଦିନ ପରେ ଟାଉନ ପୋଲିସ ଯାଜପୁରରୁ ଜଣେ ନାବାଳକକୁ ତାଙ୍କ ଅଜାଙ୍କ ଘରୁ ଉଠାଇଆଣି ଅଟକ ରଖିଛି। ତାଙ୍କଠାରୁ ୮୦ ଗ୍ରାମ୍ ସୁନା ଓ ୬୯ ଗ୍ରାମ୍ ରୁପା ଜବତ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅଜା, ନାତି ଭଦ୍ରକ ଚରମ୍ପା ଷ୍ଟେଶନରେ ଭିକ୍ଷା ମାଗନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି। ଚୋରିରେ ଆଉ ଜଣେ ସମ୍ପୃକ୍ତ ଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ମାଝୀ କହିଛନ୍ତି। ସମ୍ମିଳନୀରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଉପସ୍ଥିତ ଥିଲେ। ଲୁଟ୍‌ର ଶିକାର ହୋଇଥିବା ଚିନ୍ମୟୀଙ୍କ ସ୍ୱାମୀ ପଦ୍ମଲୋଚନଙ୍କୁ ପୋଲିସ ତାଙ୍କ ଅଳଙ୍କାର ହସ୍ତାନ୍ତର କରିଛନ୍ତି। ଚୋରି ହୋଇଥିବା ଅଳଙ୍କାର ପାଇବା ପରେ ଭଦ୍ରକ ପୋଲିସକୁ ସେ ଧନ୍ୟବାଦ ଦେଇଛନ୍ତି।


ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚନା ଦେଉଛନ୍ତି।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

ଭଦ୍ରକ, ୧୩ା୧୧(ରବିନାରାୟଣ ଖିଲାର): ପୋଥି ଓ ପୁରାଣ ଗୁରୁ ଭଳି ଆମକୁ ପ୍ରେରଣା ଦିଏ। ଉତ୍ତମ ପୁସ୍ତକ ସଚ୍ଚରିତ୍ର ବ୍ୟକ୍ତି ଗଠନ କରେ। ଭଲ ବହିଟିଏ ପାଇବା ପାଇଁ ପୁସ୍ତକ ମେଳାର ଆବଶ୍ୟକ ରହିଛି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ବଂଶୀବଲ୍ଲଭ ଗୋସ୍ୱାମୀ ସ୍ମୃତିରେ ଉତ୍ସର୍ଗୀତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ 'ଜ୍ଞାନର ସାରଥି: ପୁସ୍ତକ ଓ ପୋଥି' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଜିଲା ଉପନିବନ୍ଧକ ଗୁରୁଚରଣ ମଲ୍ଲ ଓ ବିଶିଷ୍ଟ ଚିକିତ୍ସାବିତ୍ ଡାକ୍ତର ପ୍ରଦୀପ କୁମାର ନାୟକ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସାଇଁ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଶିକ୍ଷକ ସରୋଜ କୁମାର ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସମୀର କୁମାର ଜେନା, ଦମୟନ୍ତୀ ରାଉତ ଓ ମମତା ବଳଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ତ୍ରିରଙ୍ଗା ଶୋଭାଯାତ୍ରା,ସାଂସ୍କୃତିକ କାର୍ଯ୍ୟକ୍ରମ

ଭଦ୍ରକ,୧୩ା୧୧(ସନାତନ ରାଉତ)

ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ଏନ୍‌ସିସି ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟା୩୦ରେ ଭଦ୍ରକ ଜିଲା ସ୍କୁଲ ପରିସରରେରେ ଶେଭାଯାତ୍ରାକୁ ଜିଲାପାଳ ଦିଲ୍ଲୀପ ରାଉତରାଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଏନ୍‌ସିସି କମାଣ୍ଡର ସୁଦୀପ କୁମାର ସାହୁଙ୍କ ସମେତ ଶତାଧିକ ଏନ୍‌ସିସି କ୍ୟାଡେଟ୍ ଭାଗ ନେଇଥିଲେ। ଅପରାହ୍ନ ୪ଟା୩୦ରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିଭିନ୍ନ ଜିଲାରୁ ଆସିଥିବା ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ଏକ ବିଶାଳ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ଓ ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ଜିଲା ସ୍କୁଲ ଅଭିମୁଖେ ଯାତ୍ରା କରିଥିଲେ। ପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଏନ୍‌ସିସି କ୍ୟାଡେଟ୍ ପିଲାଙ୍କୁ ମନ୍ତ୍ରୀ ଉପଢୌକନ ପ୍ରଦାନ କରିବା ସହିତ ଜାତୀୟ ଏକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବିର୍ସା ମୁଣ୍ଡା, ସୁବାଷ ଚନ୍ଦ୍ର ବୋଷ ଓ ଅନେକ ମହାନ ବ୍ୟକ୍ତିତ୍ୱଙ୍କ ରାଷ୍ଟ୍ରଭକ୍ତି ବିଷୟ ପ୍ରକାଶ କରିଥିଲେ। ଆମେ ସମସ୍ତେ ଏକ ଭାବନାରେ ଏକତା ବଦ୍ଧ ହୋଇ ଆମ ଦେଶର ସମୃଦ୍ଧି, ସୁଖ ଓ ଶାନ୍ତି ପାଇଁ ପ୍ରୟାସ କରିବା ଉଚିତ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ୪୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଧୂଷୁରୀ,୧୩ା୧୧ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଞ୍ଚାୟତସ୍ଥିତ ମଠଡ଼ିହ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ୪୬ ଜଣ ଛାତ୍ରୀଛାତ୍ର ସେମାନଙ୍କର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଅଧୀକାଂଶ ଛାତ୍ରୀଛାତ୍ର ପରିବେଶ ସଚେତନତା ଉପରେ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ସୁନ୍ଦରପୁର ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ ହେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ହୋଇ ପାରିବ ବୋଲି କହିଥିଲେ। ସିଆରସିସି ଦିଲ୍ଲୀପ ଶେଖର ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭ୍ୟ ଦେବେନ୍ଦ୍ର ନାଥ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ରଞ୍ଜୀବ ରାଉତ, ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ପ୍ରଜ୍ଞା ଦୀଭ ଶିଖା ଥଟ୍ଟେଇ, ମିନତି ଲତା ପାକଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀ ସଞ୍ଚିତା ନାୟକଙ୍କ ଆସନ୍ନ ବନ୍ୟା ସଙ୍କେତ ସୂଚନା ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା।


ଛାତ୍ରୀ ସଞ୍ଚିତା ନାୟକ ନିଜର ପ୍ରକଳ୍ପ ବିଚାରକଙ୍କ ଆଗରେ ପ୍ରଦର୍ଶନ କରୁଛନ୍ତି।


## Government of Odisha e-Procurement Notice

No.O-1375

E-mail: rw_boudh@yahoo.co.in

Bid Identification No.Online Tender/05/S.E.R.W. BOUDH/2025-26

NATIONAL COMPETITIVE BIDDING THROUGH e-Procurement

Name of the Work :- Road Works- 36 Nos.

1. Estimated Cost : Rs.5.04 to 44.54 lakh (approximately)
2. Period of Completion : 02 to 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
6. Date & Time of opening of Tender/ Bid : 26.11.2025 at 11.00 AM
7. Name & Address of the Officer Inviting Bid : Executive Engineer R.W. Division, Boudh

Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"

OIPR-

Sd./- Executive Engineer
R.W.Division, Boudh

## COLLECTORATE RAYAGADA

(ST & SC Development Section)
Email Id : dworayagada@gmail.com

### DISTRICT WELFARE OFFICE, RAYAGADA

Notice No-4922 Date : 29.10.2025

### QUOTATION CALL NOTICE

**No.V-16** : Sealed Quotations are invited from interested reputed Private Manpower Service Provider for providing services of Manpower on contractual (Outsourced) Basis to **District Welfare Office, Rayagada.**

For details visit www.rayagada.odisha.nic.in

OIPR- Sd./- District Welfare Officer, Rayagada

## OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA

Tel : 0680-2292746 // email : mkcgmc.bam@gmail.com/Website : www.mkcgmch.org

No. 21937/Welfare/2025/ Dt.07.11.2025

### RECRUITMENT ADVERTISEMENT

**No.E-497** : Applications are invited for eligible candidates for engagement against the following category of posts on consolidated basis for **NATIONAL PROGRAMME ON AMR CONTAINMENT** MKCG Medical College, Berhampur.

| Sl. No. | Category of the post | No. of Posts | Remuneration per month |
|---|---|---|---|
| 1. | Lab Technician | 1 | Rs.25000/- P.M. |
| 2. | Data Manager | 1 | Rs.20000/- P.M. |

Interested candidates fulfilling the eligibility criteria can apply for the above posts through speed post within the stipulated date & time superscibed in the cover of the application (post applied for___). The details are available in the website www.mkcgmch.org. The last date for submission of application is 20.11.2025.

OIPR-

Sd./- Dean & Principal,
MKCG Medical College,
Berhampur

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER ADDITIONAL SPILLWAY DIVISION, BURLA

No.A-894

PHONE NO. : 0663-2430080
E-mails : eeasdhirakud@gmail.com or seadditionalspillway@gmail.com

Lt. No.-1395 Dt.11.11.2025

### e-Procurement Notice No. - ASD-05/2025-26 (Online)

| | | |
|---|---|---|
| 1 | Name of Work | Supply, Installation and commissioning of 25 KVA transformer and overhead 11 KV lines near the Lunch Station site for the office building of the Additional Spillway Project of Hirakud Dam for the year 2024-25 |
| 2 | Nos of work | 1 (One) No. |
| 3 | Amount Put to Tender | Rs.16.75 Lakhs approximately |
| 4 | Period of Completion | As per D.T.C.N 60 Days |
| 5 | E.M.D. | Rs.17,000/- |
| 6 | Date and time of availability of Bid document in the portal | Date : 13.11.2025 at 11.00 A.M. to Date : 27.11.2025, up to 5:00 P.M. |
| 7 | Last date/time for receipt of Bids in the portal | Date : 27.11.2025, up to 5:00 P.M. |
| 8 | Date of opening of Bid | Dt.28.11.2025 at 11.00 A.M. |
| 9 | Last date & time of seeking tender clarification | Dt : 25.11.2025 up to 04.00 P.M. |
| 10 | Name and Address of the Officer inviting Bid | Superintending Engineer, Additional Spillway Division, Burla At/Po-Burla-768017, Dist-Sambalpur Email : eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-procurement portal www.tendersodisha.gov.in.

OIPR-

Sd./- Superintending Engineer,
Additional Spillway Division, Burla

## OFFICE OF THE EXECUTIVE ENGINEER, L.I. DIVISION, BERHAMPUR

e-mail: eeolicbam@ymail.com

### e-Procurement Notice

Bid Identification No. 05/2025-26 OLIC (BAM)/Dt.07.11.2025

No. CAD-2240: The Executive Engineer, Lift Irrigation Division, Berhampur on behalf of the OLIC is inviting percentage rate bids for the installation, electrification, energization and commissioning of 17 cluster bore wells at Samantrapur in the Digapahandi Block of Ganjam district.

Bids should be submitted in a double-cover system through the Governments online portal **www.tendersodisha.gov.in**. The tender is open to 'B' Class contractors registered with the Government of Odisha or equivalent grade contractors registered with other State Governments, the Central Government, M.E.S., Railways or other Government undertakings.

All bidders must meet the minimum qualification criteria as detailed in the DTCN and must be enrolled on the portal with their own digital signature certificate.

1. Numbers of Package : 01 Number (17 Nos. Cluster DBW Projects)
2. Estimated Cost : 60.371 Lakhs
3. Tender Cost : As per DTCN
4. Class of Contractor : As per DTCN
5. Date & time of publication : Dt.10.11.2025 from 10.00 A.M.
6. Date & time of closing : Dt.20.11.2025 at 17.00 hrs.
7. Date & time of opening of bid : Dt.21.11.2025 at 12.00 Noon

Further details can be seen from the website **www.tendersorissa.gov.in**. Addendum/ Corrigendum/Cancellation of tender, if any, can be seen in the said website.

OIPR- Sd./- Executive Engineer

## OFFICE OF THE MUNICIPAL COUNCIL, NABARANGPUR

NABARANGPUR (ODISHA), PIN-764059
G-mail ID : municipalityngpr@gmail.com

No.3298/NM-2025 Date : 06.11.2025

Tender Call Notice No.02/NM-2025-26, Dated :

### Short Tender Call Notice

**No.C-1420** : Sealed bids are invited from eligible contractors for the execution of various civil works under Nabarangpur Municipality.

The Bid Documents, consisting of the details of work, estimated cost, cost of tender paper, bid declaration form, time of completion, class of contractors, terms and conditions of contract and other necessary documents can be seen and downloaded from the official websites i.e. www.nabarangpur.nic.in & https://nawarangpurm.in/

The documents will be available for download **from 07.11.2025 10:00 A.M. to 17.11.2025 05:00 P.M.** The prescribed **Short Tender Call Notice** can also be viewed on the above websites during the said period.

1. Name of the Work : As per Tender call Notice
2. No. of works : As per Tender call Notice
3. Estimated Cost : As per Tender call Notice
4. Period of Completion : 01 to 02 Month
5. Downloaded of tender paper : **From Dt.07.11.2025 10.00 A.M. to 17.11.2025 05:00 P.M.**
6. Last date & time for receipt of tender paper (Hard Copy) : **20.11.2025 at 05:00 P.M.**
7. Tender will be opened on : **4:00 P.M. hours of Dt.21.11.2025**
8. Name and address of the Officer inviting tender : Executive Officer, Nabarangpur Municipality

OIPR-

Sd./- Executive Office
Nabarangpur Municipality

## NOTIFIED AREA COUNCIL, DIGAPAHANDI

GANJAM, ODISHA, PIN- 761012
Ph: 06814-295053, (E-mail): dgp_nac@yahoo.com

Letter No.2792/DIGNAC Date:06.11.25

### E-Procurement Notice

BID IDENTIFICATION NO: DIGNAC-04/2025-26

No.C-1423: TENDER ID- 2025_ORULB_120808

| | | |
|---|---|---|
| 01 | Procurement Officer Publisher/ Officer Inviting The Tender/Bids (OIT) | Executive Officer NAC, Digapahandi |
| 02 | Name of the Works/ Packages | Individual Civil Construction works as published in the website |
| 03 | Nos. of Works | 8 Nos. |
| 04 | Estimated Cost (Including All taxes) | Rs.272411.00 to 1330498.00 |
| 05 | Date & Time of availability of RFP in the Portal | From 11.00 Hours of Dtd.07.11.2025 to 17.30 Hours of Dtd.17.11.2025 |
| 06 | Last date /time for receipt of bids in the portal (submission of technical bids & financial bids) online | 17.30 Hours of 17.11.2025 |
| 07 | Last date & time for receiving of the sealed envelopes | On 18.11.2024 (During the office hours) be submitted |
| 08 | Date & Time of opening of the bids | Technical Bid-11.00 AM hours of dtd.19.11.2025 financial bid to be intimated in the conference hall of NAC Digapahandi (If any holiday, then the tender will open in next working day) |

N.B.: Further more details can be seen in the DTCN available in the e-Procurement portal i.e. https://tendersodisha.gov.in.

OIPR-

Sd./- Executive Officer
N.A.C., Digapahandi, Ganjam

## GOVERNMENT OF ODISHA HANDLOOMS, TEXTILES AND HANDICRAFTS DEPARTMENT

LOKSEVA BHAWAN, BHUBANESWAR - 751001

Advt. No. 8643/HT&H Date: 11.11.2025

### TENDER CALL NOTICE FOR SELECTION OF AN AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR HANDLOOMS, TEXTILES AND HANDICRAFTS DEPARTMENT

No. PP-46: Handlooms, Textiles & Handicrafts Department, Government of Odisha invites "Tender" in two bids i.e. Technical Bid and Financial Bid in sealed cover along with requisite documents from interested and experienced service providers for providing comprehensive facility management services equivalent to Two Nos. of Drivers, Seven Nos. of Attendants & Four Nos. of Sanitation Workers on outsourcing basis for working in Handlooms, Textiles and Handicrafts Department. Details regarding eligibility criteria, terms and conditions and the formats of submission of tender (Technical & Financial Bid) are mentioned in the tender document which can be downloaded from the website of **https://handloom.odisha.gov.in/**.

The last date of receipt of the sealed offers in the Office of the HT&H Department is upto 05.00 P.M. on Dtd.01.12.2025 by Speed Post/ Registered Post/Courier only. The "Technical Bids" will be opened at 11.00 A.M. on Dtd. 03.12.2025 in presence of the Bidders.

The authority reserves the right to accept or reject any or all the offers without assigning any reason thereof.

OIPR-

Sd./- Deputy Secretary to Government
Handlooms, Textiles and Handicrafts Department

## MUNICIPAL OFFICE, JHARSUGUDA

### "E" Procurement Notice

### Tender Call Notice No. 4253/JM Dt. 04.11.2025

**No.C-1429** : BID Documents consisting of Work, Estimated Cost, Cost of tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/07/2025-26
2. Tender ID No. : 2025_ORULB_120881
3. Name of the Work : Civil Construction works as mentioned in website
4. No. of Works : As per DTCN
5. Estimated Cost : As per DTCN
6. Date & Time of availability of Bid Documents in the Portal : 11.11.2025 at 06.00 P.M.
7. Last date & time for receipt of Bids in the Portal : 24.11.2025 at 06.00 P.M.
8. Bids received online shall be opened on : 25.11.2025 at 03.30 P.M.
9. Name and address of the Officer inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in

OIPR-

Sd./- Executive Officer
Jharsuguda Municipality

## Government of Odisha e-Procurement Notice

No.O-1374

E-mail: rw_boudh@yahoo.co.in

Bid Identification No.Online Tender/06/S.E.R.W. BOUDH/2025-26

NATIONAL COMPETITIVE BIDDING THROUGH e-Procurement

Name of the Work :- Road Works- 2 Nos.

1. Estimated Cost : Rs.50.42 to 75.63 lakh (approximately)
2. Period of Completion : 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
6. Date & Time of opening of Technical Bid- 26.11.2025 at 11.00 AM & Financial Bid- 01.12.2025 at 11.00 AM.
7. Name & Address of the Officer Inviting Bid : Executive Engineer R.W. Division, Boudh

**Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"**

OIPR-

Sd./- Executive Engineer
R.W.Division, Boudh

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ରସଂଖ୍ୟା-୧୮୪ ତା.୧୫.୧୦.୨୦୨୫

### ବିଜ୍ଞାପନ

**No.CAD-2246**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ✓ମଧୁଛନ୍ଦା ସାହୁ ସ୍ୱାମୀ-ସୁମନ୍ତ କୁମାର ଚୋପଦାର ସା-ଶାନ୍ତିପଡ଼ା ପୋ-ବଲାଙ୍ଗୀର ଥାନା-ବଲାଙ୍ଗୀର ଜିଲ୍ଲା-ବଲାଙ୍ଗୀର | ଏମ୍‌ଆଇଜି-୨-୮୦ (MIG-II-80) ଏସ୍‌ଏଚ୍‌ଏସ୍ ଲାଲଟିକିରା ବଲାଙ୍ଗୀର | ୧.ସୁମନ୍ତ କୁମାର ଚୋପଦାର (ସ୍ୱାମୀ) ୨.କୁମାର ସୌରଭ ଚୋପଦାର (ଅ.ବି.ପୁତ୍ର) |

OIPR-

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ବନ୍ଦ ସ୍କୁଲ ଖୋଲିବାକୁ ଦାବି

- ସରକାରୀ ନିର୍ଦ୍ଦେଶକୁ ଅବମାନନା
- ବିପଦସଙ୍କୁଳ ରାସ୍ତା ଦେଇ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ

ବାରିପଦା,୧୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ସ୍କୁଲ ବନ୍ଦ ଯୋଗୁ ଦୂର ସ୍କୁଲରେ ପାଠପଢ଼ୁଥିବା ଗ୍ରାମର ଶିଶୁମାନେ।

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ ଜୟବିଲା ଗ୍ରାମ ପଞ୍ଚାୟତର କାଳନ୍ଦୀସାହିରେ ବନ୍ଦ ପଡ଼ିଥିବା ସ୍କୁଲକୁ ପୁନଃ ଖୋଲିବା ପାଇଁ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଦାବି କରିଛନ୍ତି। କାର୍ଯ୍ୟାଳୟ ଚିଠି ନଂ. ୯୧/୧୧ ନଭେମ୍ବର ୨୦୨୫ରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ଉକ୍ତ ସ୍କୁଲ ଖୋଲିବା ପାଇଁ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱଳ୍ପ ଛାତ୍ରଛାତ୍ରୀ ଥିବାରୁ କାଳନ୍ଦୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨ବର୍ଷ ପୂର୍ବେ ବନ୍ଦ କରାଯାଇଥିଲା। ଫଳରେ ସେହି ସ୍କୁଲର ଶିଶୁମାନେ ୨ କି.ମି. ଦୂର ବଡ଼ଶୋଳ ସ୍କୁଲକୁ ପାଠପଢ଼ି ଯାଉଛନ୍ତି। ଆଉ କେହି ଛାତ୍ରଛାତ୍ରୀ ୩ କି.ମି. ଦୂର ବାଲିଚୁଙ୍ଗୀ ଉଚ୍ଚ ବିଦ୍ୟାଳୟକୁ ନଦୀ ଓ ଜଙ୍ଗଲ ପାର ହୋଇ ବିପଦ ସଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଯିବାଆସିବା କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଭିଭାବକମାନେ ସ୍କୁଲ ନେବା ଆଣିବା କରୁଥିବାରୁ ଅନେକ ଶିଶୁ ଦୂର ସ୍କୁଲକୁ ଯାଇ ନ ପାରି ପାଠପଢ଼ାରେ ଡୋରି ବାନ୍ଧି ସାରିଲେଣି। ଦିନମଜୁରିଆ ଓ ଶ୍ରମିକମାନେ ରୋଜଗାର ପାଇଁ ଘରୁ ବାହାରି ଯାଉଥିବାରୁ ସେମାନଙ୍କ ଶିଶୁମାନେ ଦୂର ସ୍ଥାନକୁ ଯିବାଆସିବା କରି ପାଠପଢ଼ିବା ସମ୍ଭବ ହୋଇପାରୁ ନାହିଁ। ବର୍ତ୍ତମାନ ଏହି ଗ୍ରାମରୁ ୩୫ରୁ ଊର୍ଦ୍ଧ୍ୱ ଶିଶୁ ଦୂର ବିଦ୍ୟାଳୟକୁ ଯାଇ ପାଠପଢ଼ୁଛନ୍ତି। ତେବେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଥିବା କାଳନ୍ଦୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ରାଜ୍ୟରେ ନୂତନ ସରକାର ଆସିବା ପରେ ବନ୍ଦ ପଡ଼ିଥିବା ସ୍କୁଲଗୁଡ଼ିକ ପୁନଃ ଖୋଲିବା ପାଇଁ ଘୋଷଣା କରାଯାଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଜିଲାରେ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଉଥିବାରେ ଲାଗିଛି। ଏପରିକି ରାଜ୍ୟରେ ଡ୍ରପଆଉଟ ତାଲିକାରେ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ସ୍ଥାନରେ ରହୁଥିବାରୁ ଶିକ୍ଷାବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜନୈତିକ ନେତୃବୃନ୍ଦ କିମ୍ବା ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଉପଯୁକ୍ତ ଛାତ୍ରୀଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ମୌଳିକ ସୁବିଧା ନ ପାଇ ଦିଗହରା ହେଉଥିବା ନଜିର ରହିଛି। ଏଭଳି ସ୍ଥିତିକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷା ହାଁସଦା, ଶାମାଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ଚନ୍ଦ୍ର ମୋହନ ହେମ୍ବ୍ରମ, ସ୍ଥାନୀୟ ସରପଞ୍ଚ ସୁଚାରି ସିଂ ଓ ୱାର୍ଡସଭ୍ୟାଗଣ ବାରମ୍ବାର ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଘଟଣା ବାବଦରେ ଅବଗତ କରିବା ସହିତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା ହାଁସଦା ଦାବି କରିଛନ୍ତି।

# ହାତୀ ପାଇଁ ରାତି ଉଜାଗର

## ନଛିପୁର ଗ୍ରାମବାସୀଙ୍କ ଦୁଃଖ ପାଲଟିଛନ୍ତି ହାତୀପଲ

ଉଦଳା,୧୩।୧୧ (ସନ୍ତୋଷ କୁମାର ବାଛିନୀ)



ହାତୀ ଘଉଡ଼ାଇବା ପାଇଁ ନିଆଁ ଜଳାଯାଉଛି।

ଦିନରେ ପେଟକୁ ଦାନା ଯୋଗାଡ଼ ପାଇଁ ସଂଘର୍ଷ ଆଉ ରାତି ହେଲେ ନିଜ କଷ୍ଟ ଉପାର୍ଜିତ ଫସଲକୁ ରକ୍ଷା ପାଇଁ ହାତୀ ସହିତ ଛକାପଞ୍ଝା। ରାତିରେ ମଞ୍ଚା ଉପରେ ଆଖି ପଲକ ପଡ଼ିଗଲେ ହାତୀ ଦେଉଛି ଶାସ୍ତି। ଏଭଳି ଯନ୍ତ୍ରଣାରେ ରହିଛନ୍ତି ଚାଷୀ। ଝିଆଁଯାଉଛି ସଂକେତ, ବଜାଉଛନ୍ତି ବାଜା। କାହିଁକି ନା ଏହା ବଜାଇଲେ ସମସ୍ତେ ହୋଇଯିବେ ସଜାଗ। ଅନ୍ଧାର ରାତିରେ ଏଭଳି ସଂକେତ ଦେଇ ଗଛ ଉପରେ ନିଜ ଚାଷ ଜମି ବଞ୍ଚାଇବାକୁ ଚାଲିଛି ପ୍ରୟାସ। କାହିଁକି ନା ଅନ୍ଧାର ରାତିରେ ହାତୀ ଦେଉଛି ଚାଷୀଙ୍କୁ ଶାସ୍ତି। ମୟୂରଭଞ୍ଜ ଜିଲା ପୋଡ଼ାଡ଼ିହା ରେଞ୍ଜ ନଛିପୁର ଗ୍ରାମରେ ରାତିତମାମ ହାତୀ ପାଇଁ ଉଜାଗର ହେଉଥିବା ଚାଷୀ ଓ ଗ୍ରାମବାସୀଙ୍କ କ୍ଷେତ୍ରରେ ଏଭଳି ଘଟଣା ଦେଖିବାକୁ ମିଳେ। ଶିମିଳିପାଳ ପାଦଦେଶରେ ଥିବା ନଛିପୁର ଗ୍ରାମବାସୀଙ୍କ ପାଇଁ ଏବେ ହାତୀ ମୁହଁରୁ ନିଜ ଫସଲ ବଞ୍ଚାଇବା ଚ୍ୟାଲେଞ୍ଜ ହୋଇଯାଇଛି। ହାତୀ ପାଇଁ ଏବେ ଘର ଛାଡ଼ି ରାତିତମାମ ମଞ୍ଚା ଉପରେ ଜୀବନ ବିତାଉଛନ୍ତି ପରିବାର ଲୋକେ। ନଛିପୁର ଗ୍ରାମବାସୀଙ୍କ ଦୁଃଖ ପାଲଟିଛନ୍ତି ହାତୀ ପଲ। ଏହି ଗ୍ରାମରେ ରହିଥିବା ଏକର ଏକର ଚାଷ ଜମି ଏବେ ହାତୀଙ୍କ ପାଦ ତଳେ ନଷ୍ଟ ହେଇଗଲାଣି। ସନ୍ଧ୍ୟା ହେଲେ ଘରୁ ହାତରେ ଟର୍ଚ୍ଚ, ରାତି ପାଇଁ ଖାଦ୍ୟ, ଚାଦର ଧରି କି ବୃଦ୍ଧା କି ଯୁବକ ସମସ୍ତେ ଯାଇ ପହଞ୍ଚିଯାଉଛନ୍ତି ନିଜ ଚାଷ ଜମି ନିକଟରେ। ଆଉ ସେଠାରେ ଲଗା ଯାଉଛି ନିଆଁ, ଯାହାକି ସମ୍ପୂର୍ଣ୍ଣ ରାତି ତମାମ ଜଳିବ। ନିଆଁ ଲଗାଇ ଦେଇ ଚାଷୀ ଉଠି ଯାଉଛନ୍ତି ଗଛ ଉପରେ ତିଆରି କରିଥିବା ମଞ୍ଚା ଉପରକୁ। ରାତିତମାମ ସେହି ମଞ୍ଚାରେ ହିଁ ଶୋଇ ରହିବେ ଏବଂ ହାତୀ ଆସିଲେ ତାକୁ ଘଉଡ଼ାଇବେ। ନଚେତ ହାତୀ ଆସି ତାଙ୍କ ବିଲ ଭିତରେ ପଶି ଧାନ ଫସଲ ଖାଇବା ସହିତ ପାଦରେ ଦଳି ଫସଲ ନଷ୍ଟ କରି ଦେଉଛନ୍ତି। କେବଳ ସେତିକି ନୁହେଁ ହାତୀ ଆସିବାର ସୂଚନା ମିଳିଲେ ଗାଁ ରୁ ମଧ୍ୟ ଲୋକେ ଦୌଡ଼ି ଆସନ୍ତି ହାତୀ ଘଉଡ଼ାଇବା ପାଇଁ। ଯେଉଁଥି ପାଇଁ ରାତି ସାରା ଉଜାଗର ହେବାକୁ ପଡ଼ିଥାଏ ଏହି ଚାଷୀମାନଙ୍କୁ। ଦିନେ କି ଦୁଇ ଦିନ ନୁହଁ, ଧାନ ଫସଲ ଆରମ୍ଭ ହେଲା ଦିନରୁ ଅର୍ଥାତ ୩ ମାସ ହେବ ପ୍ରତିଦିନ ଗ୍ରାମବାସୀ ଓ ଚାଷୀଙ୍କର ଏହି ଭଳି ଅବସ୍ଥା। ଦିନରେ ପେଟ ପୋଷିବା ପାଇଁ ସଂଘର୍ଷ ଆଉ ରାତି ହେଲେ ଫସଲ ବଞ୍ଚାଇବାକୁ ଆଖିର ନିଦ ହଜାଇବାକୁ ପଡ଼େ। ହେଲେ ବନ ବିଭାଗ ଏହି ଗ୍ରାମବାସୀଙ୍କ ଚାଷ ବଞ୍ଚାଇବା ପାଇଁ ହାତୀ ଘଉଡ଼ାଇବାକୁ ବନ ବିଭାଗ ସହଯୋଗ କରୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ଗ୍ରାମବାସୀଙ୍କର ଏହି ଯନ୍ତ୍ରଣା ପ୍ରତି ବନ ବିଭାଗର ନଜର ନ ପଡ଼ିବା ନିଶ୍ଚିତ ଭାବେ ଚିନ୍ତାଜନକ। ସବୁପରେ ବିଭାଗ ପକ୍ଷରୁ ଏହି ଚାଷୀଙ୍କୁ ସହାୟତା ପ୍ରଦାନ କରିଲେ ସେମାନେ ଅଣ୍ଟା ସଳଖି ଛିଡା ହୋଇପାରନ୍ତେ। ଏ ବାବଦରେ ପୋଡାଡିହା ରେଞ୍ଜର ଅନୁକୁଳ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ହାତୀଙ୍କୁ ଘଉଡ଼ାଇବା ପାଇଁ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଭିନ୍ନ ଭିନ୍ନ ଅଞ୍ଚଳରେ ହାତୀ ବାହାରୁଥିବାରୁ ନିୟନ୍ତ୍ରଣରେ ସାମାନ୍ୟ ସମସ୍ୟା ଦେଖାଯାଉଛି ବୋଲି ସେ କହିଛନ୍ତି।

# ମନ ଜିଣିଲେ ଇଣ୍ଡିଆନ ଆଇଡଲର ପ୍ରିୟାଂଶୁ



ପ୍ରିୟାଂଶୁ ଦତ୍ତ

ବାରିପଦା,୧୩।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭଞ୍ଜପୁରଠାରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ଏକାଦଶ ସନ୍ଧ୍ୟାରରେ ପ୍ରଥମେ ବାରିପଦାର ଯୁବ କଳାକାରମାନେ ମାୟରା ଫେସନ ସୋ ପ୍ରଦର୍ଶନ କରିଥିଲେ। ଇଣ୍ଡିଆନ ଆଇଡଲର ପ୍ରତିଯୋଗୀ ମୟୂରୀ ସାହା ସୁମଧୁର କଣ୍ଠରେ ହିନ୍ଦୀ ଓ ବେଙ୍ଗଲୀ ଗୀତ ପରିବେଷଣ କରି ଦର୍ଶକଙ୍କ ମନକୁ ଜିଣିଥିଲେ। ପରେ ଇଣ୍ଡିଆନ ଆଇଡଲର ଅନ୍ୟତମ ପ୍ରତିଯୋଗୀ ପ୍ରିୟାଂଶୁ ଦତ୍ତଙ୍କ ଆକର୍ଷଣୀୟ ସଂଗୀତ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଶୁକ୍ରବାର ଉଦ୍‌ଯାପିତ ହେବ ଜଗଧାତ୍ରୀ ମେଳା – ୨୦୨୫। କୃତୀ ପ୍ରତିଯୋଗୀମାନଙ୍କ ସହ ଶ୍ରେଷ୍ଠ ଷ୍ଟଲ ଓ ସାଂସ୍କୃତିକ ଦଳକୁ ମଧ୍ୟ ପୁରସ୍କୃତ କରାଯିବ । ମାତ୍ର ୧୫ ରୁ ୧୭ ମଧ୍ୟରେ ବଲିଉଡ ନାଇଟର କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଜଣାଇଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଝାରପୋଖରିଆ,୧୩।୧୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ବମ୍ଫେଛକ (ବାଲିଆ ସାହି) ଟୋଲ ପ୍ଲାଜା ନିକଟରେ ଦୁର୍ଘଟଣାଗସ୍ତ ହୋଇ ଗୁରୁତର ଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାରସକଣା ବ୍ଲକ୍ ଶିଲଫୋଡ଼ି ପଞ୍ଚାୟତ ଶିଲଫୋଡି ଗ୍ରାମର ମନୋଜ କୁମାର ମହାନ୍ତ(୩୫)। ସେ ତାଙ୍କ ବାଇକ ଯୋଗେ ବୁଧବାର ବାରିପଦାରୁ ଘରକୁ ଫେରୁଥିବା ସମୟରେ ଝାରପୋଖାରିଆ ଥାନା ଅଧୀନସ୍ଥ ବମ୍ଫେଛକ ଟୋଲପ୍ଲାଜା ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ ସହ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୮୬/୨୫) ରୁଜୁ ହୋଇଛି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଉଦଳା,୧୩।୧୧(ସନ୍ତୋଷ କୁମାର ବାଛିନୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉଦଳା ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦଳା ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟ, ରାଢୋ ମହାବିଦ୍ୟାଳୟ, କୁଣ୍ଡାବାଇ ମହାବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀ ସାଇବର ସୁରକ୍ଷା ସଚେତନତା ରଥ ସହିତ ଉଦଳା ଥାନା ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସଚେତନତା ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମାକରି ଉଦଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ମଞ୍ଚ ନିକଟରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଆଡିସନାଲ ଏସପି ସବିତା ମାଝୀ ଏବଂ ଦୀପକ ଗୋଛାୟତ, ଡିଏସପି ବାରିପଦା ଅଜୟ ବାରିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉଦଳା ବିଇଓ ଦୀପକ ମିଶ୍ର ଉପରୋକ୍ତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଳା ଥାନାର ଭାରପ୍ରାପ୍ତ ଅଧିକାରୀ ବନମାଳୀ ବାରିକ ଏବଂ ସାଇବର ରଥ ସଂଯୋଜକ ସୁଶାନ୍ତ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ଏଥିରେ ଉଦଳା ଥାନାର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।


**Government of Odisha** No.O-1375
**e-Procurement Notice**
E-mail: rw_boudh@yahoo.co.in
Bid Identification No.Online Tender/05/S.E.R.W. BOUDH/2025-26
NATIONAL COMPETITIVE BIDDING THROUGH e-Procurement
Name of the Work :- Road Works- 36 Nos.
1. Estimated Cost : Rs.5.04 to 44.54 lakh (approximately)
2. Period of Completion : 02 to 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
ସୂଚନା ଅନୁଯାୟୀ, ଗତ ୧୧ତାରିଖରେ ତଳଦପା ପ୍ରାଥମିକ ସ୍କୁଲ ପରିସରରେ କେତେଜଣ ଗ୍ରାମବାସୀ ଏବଂ ପ୍ରଧାନ ଶିକ୍ଷକ ମୁହାଁମୁହିଁ ହୋଇଥିଲେ। ସ୍କୁଲରେ କାର୍ଯ୍ୟରତ ଜଣେ ପାଚିକାଙ୍କୁ କାର୍ଯ୍ୟରୁ ବାହାର କରିଦେବାକୁ ଗ୍ରାମବାସୀ ଅଡ଼ି ବସିଥିବାରୁ ଏହି ଘଟଣା ଉପୁଜିଥିଲା। ଏପରିକି ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିବା ନେଇ ପୀରହାଟ ଥାନାରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଏବଂ ଗ୍ରାମର ଗୌରୀ ମଲିକ ନାମ୍ନୀ ଜଣେ ମହିଳା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୨ଟି ମାମଲା (ନଂ. ୩୧୧/୨୫ ଓ ୩୧୨/୨୫) ରୁଜୁକରିଥିଲା। ତେବେ ପ୍ରଧାନ ଶିକ୍ଷକ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ବୁଧବାର ରାତିରେ ଅଭିମନ୍ୟୁ ମଲିକ ଓ ସୁଶୀଳ ମଲିକ ନାମକ ୨ଜଣ ଗ୍ରାମବାସୀଙ୍କୁ ଗିରଫ କରିଥିଲା।

**ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ ଗଣ୍ଡଗୋଳ ଘଟଣା**
- ■ଥାନା ଆଗରେ ଧାରଣା
- ■ଆଇଆଇସି ୫ଘଣ୍ଟା ଅଟକ

ଅନ୍ୟପକ୍ଷରେ ଆଇଆଇସି ରୋଜାଲିନ ବେହେରାଙ୍କ ସମେତ ୯ ଜଣ ପୋଲିସ ରାତି ୧ଟା ବେଳେ ତଳଦପା ଗ୍ରାମକୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ବେଳେ କେତେଜଣ ଗ୍ରାମବାସୀ ଗାଳିଗୁଲଜ କରିବା ସହ ପୋଲିସକୁ ଅଟକ ରଖିଥିଲେ। ପରେ ସରପଞ୍ଚ ଚକ୍ରଧର ଦାସ ଘଟଣାସ୍ଥଳକୁ ଯାଇ ହସ୍ତକ୍ଷେପ କରିବା ପରେ ଗ୍ରାମବାସୀ ସକାଳ ୬ଟାରେ ପୋଲିସକୁ ଛାଡ଼ିଥିଲେ। ତେବେ ପୋଲିସର ରାତିଅଧିଆ ଗିରଫଦାରିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୌରୀଙ୍କ ଅଭିଯୋଗକ୍ରମେ ହୋଇଥିବା ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଗିରଫ ୨ ଜଣଙ୍କୁ ମୁକ୍ତ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପୀରହାଟ ଥାନାରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସାଇବର ସୁରକ୍ଷା ଅଭିଯାନ

**ଚାନ୍ଦବାଲି,୧୩।୧୧(କିଷାନ ପାତ୍ର)**

ଚାନ୍ଦବାଲି ପୋଲିସ ପକ୍ଷରୁ ବ୍ଲକ ସଭାଗୃହରେ ସାଇବର ସୁରକ୍ଷା ଅଭିଯାନ ଆୟୋଜିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୋଲିସ କର୍ମଚାରୀମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଚାନ୍ଦବାଲି ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତି ଭୂଷଣ ଜୟଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ସାଇବର ସୁରକ୍ଷା ଇନ୍ସପେକ୍ଟର ଦୟାନିଧି ଦାସ ଓ ବ୍ଲକ ଅତିରିକ୍ତ ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ତରାଇ ଯୋଗ ଦେଇ ସାଇବର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଥାନାଧିକାରୀ ପରେଶ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ସମିତିସଭ୍ୟ ଅଭୟ ବଳ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ପ୍ରଭାସ ନାୟକ, ସରପଞ୍ଚ ବିନୋଦ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

# ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଶୋଭାଯାତ୍ରା

**ଚାନ୍ଦବାଲି,୧୩।୧୧(କିଷାନ ପାତ୍ର)**

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶୁଭ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ଭବ୍ୟ ଶୋଭାଯାତ୍ରା ବୁଧବାର ଆୟୋଜିତ ହୋଇଥିଲା। ସୁଶୋଭିତ ରଥରେ ସତ୍ୟସାଇ ବାବାଙ୍କ ମୂର୍ତ୍ତିକୁ ବସାଇ ମା’ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ସାଇ ଜିଲା ଭଦ୍ରକ-୨ର ଜିଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା ଓ ରାଜ୍ୟ ଗ୍ରାମ ସେବା ନିର୍ବାହକ ବିଷ୍ଣୁମୋହନ ନାୟକ ସତ୍ୟସାଇ ବାବାଙ୍କ ମିଶନ, ମାନବ ସେବା ଓ ବିଶ୍ୱଭ୍ରାତୃତ୍ୱ ବାର୍ତ୍ତା ସମ୍ବଳିତ ଏକ ସ୍ମାରକ ପତ୍ର ତହସିଲଦାର ଓ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଘଣ୍ଟେଶ୍ୱର ସତ୍ୟସାଇ ସେବା ସମିତି ଓ ଚାନ୍ଦବାଲି ସତ୍ୟସାଇ ସେବା ସମିତିର ଭକ୍ତଗଣ ଯୋଗ ଦେଇଥିଲେ। ଜିଲା କର୍ମକର୍ତ୍ତା ବିକାଶ ଚନ୍ଦ୍ର କାଠ, ଦେବକୀ ଦାଶ, ପ୍ରଦୀପ କୁମାର ବାରିକ, ମମତା ନାୟକ, ଉଦିତ ନାରାୟଣ ପଣ୍ଡା, ଆରତୀ ଲତା ବିଲାଶ, ପାର୍ଥ ସାରଥୀ ସାହୁ, ରଞ୍ଜିତ ଜେନା, ସୀତାକାନ୍ତ ଜେନା, ସନ୍ତୋଷ ପତି, ଚିତ୍ତରଞ୍ଜନ ରାଉତ, ରବୀନ୍ଦ୍ର ବଳ, ରବୀନ୍ଦ୍ର ନାୟକ ଓ ଗତିକୃଷ୍ଣ ରଣା ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇଥିଲେ।



ସହର ପରିକ୍ରମା କରିଥିବା ଶୋଭାଯାତ୍ରା।

# ୯ ବର୍ଷ ଧରି ଚାଲିଥିବା ଲଢ଼େଇର ବିଜୟ ହୋଇଛି: ପ୍ରୟାସକାନ୍ତି

**ବରପଦା ଇଞ୍ଜିନିୟରିଂ କଲେଜ ବିବାଦ ଘଟଣା**

**ଏସ୍‌ଡିଜେଏମ୍ କୋର୍ଟର ରାୟକୁ ନେଇ ଖବରଦାତା ସମ୍ମିଳନୀ**

**ଭଦ୍ରକ,୧୩।୧୧(ସନାତନ ରାଉତ)**


ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି ସାମଲ।।

ଦୀର୍ଘ ବର୍ଷ ଧରି ବିବାଦରେ ଛନ୍ଦି ହୋଇ ରହିଥିବା ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜର ଆର୍ଥିକ ଅନିୟମିତତା ଓ ଜମି କେଲେଙ୍କାରୀକୁ ନେଇ ୨୦୧୬ରେ କୋର୍ଟରେ ମାମଲା ଦାଏର ହୋଇଥିଲା। ଏହି ମାମଲାର ରାୟ ପ୍ରକାଶ ପାଇବା ପରେ କଲେଜ ସୋସାଇଟିର ପୂର୍ବତନ ସଭାପତି ପ୍ରୟାସକାନ୍ତି ସାମଲଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଭଦ୍ରକ ସହରର କଲ୍ୟାଣୀ ହୋଟେଲ ସଭାଗୃହରେ ଗୁରୁବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ପ୍ରୟାସକାନ୍ତ କହିଛନ୍ତି, ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ପ୍ରକାଶ ପାଇଥିବା ରାୟରେ ପୂର୍ବରୁ ହୋଇଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। ଏହାଦ୍ୱାରା ତାଙ୍କ ପରିବାର ଓ ସୋସାଇଟିକୁ ୯ ବର୍ଷ ଧରି ଯେଉଁ ଅପବାଦ ଦିଆଯାଉଥିଲା ତାହାର ଅନ୍ତ ଘଟିଛି। ଏହି ବିବାଦ ପାଇଁ କଲେଜର ମାନ କ୍ଷୁର୍ଣ୍ଣ ହୋଇଥିଲା। ପିଲାଙ୍କ ଆଡମିଶନ ମଧ୍ୟ କମିଥିଲା। ତାଙ୍କର କୋର୍ଟ ଉପରେ ଭରସା ଥିଲା। ଆଗାମୀ ଦିନରେ କଲେଜରେ ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ସହଯୋଗ କରନ୍ତୁ। ସରକାର ମଧ୍ୟ ଏହି କଲେଜକୁ ନିଜ ଦାୟିତ୍ୱକୁ ନିଅନ୍ତୁ ବୋଲି ସେ କହିଛନ୍ତି। ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କଲେଜ ନାମରେ ଥିବା ୨୫ ଏକର ଜମି ଦେବା ପାଇଁ ସେ ପୂର୍ବରୁ ଜିଲାପାଳଙ୍କୁ ଜଣାଇଥିଲେ। ଗୁରୁବାର ଉପଜିଲାପାଳ ଏହାର କ୍ଷେତ୍ରୀୟ ତଦନ୍ତ କରିଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ସୋସାଇଟିର ପୂର୍ବତନ ସମ୍ପାଦକ ମନୋଜ ଗୋସ୍ୱାମୀ, ପ୍ରବୀର ଜେନା, ପ୍ରିୟବ୍ରତ ନାୟକ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ୧୯୫୭ରେ ସ୍ଥାପନ ହୋଇଥିବା ଉକ୍ତ କଲେଜକୁ କୌଶଳକ୍ରମେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏକ ସୋସାଇଟି ଗଠନ କରି ଏହାର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଥିଲେ ବୋଲି ବରପଦା ଅଞ୍ଚଳର ଜଣେ ଯୁବକ ଅଭିଯୋଗ କରିଥିଲେ। ୨୦୦୯ରେ ତାଙ୍କ ପୁତ୍ର ପ୍ରୟାସକାନ୍ତି ସାମଲଙ୍କୁ ସଭାପତି ଭାବେ ଅବସ୍ଥାପିତ କରିବା ପରେ ଶିକ୍ଷାନୁଷ୍ଠାନରେ ଆର୍ଥିକ ଅନିୟମିତତା, ଜମି କେଲେଙ୍କାରୀ ଓ କର୍ମଚାରୀମାନଙ୍କୁ ନିୟମିତ ଦରମା ଦିଆଯାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଆସିଲେ ନାହିଁ ବିଭାଗୀୟ ଅଧିକାରୀ**



ବୈଠକରେ ଅଧିକାରୀମାନେ ଅନୁପସ୍ଥିତ ଅଛନ୍ତି।

ଧାମନଗର,୧୩।୧୧(ସନ୍ତୋଷ କୁମାର ମହାପାତ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ତଥା ବ୍ଲକ୍‌ସ୍ତରୀୟ ଟାସ୍କଫୋର୍ସ କମିଟିର ସଦସ୍ୟଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଶିଶୁ ମଙ୍ଗଳ ଅଧିକାରୀ ଦମୟନ୍ତୀ ଦେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଯୋଗଦେଇ ଅପ୍ରାପ୍ତ ବୟସ୍କା ନାବାଳିକାଙ୍କ ବିବାହ ରୋକିବା, ସୁରକ୍ଷା ଓ ସଚେତନତାକୁ ନେଇ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷ କରି ୧୪ରୁ ୧୭ ବର୍ଷ ପର୍ଯ୍ୟନ୍ତ ବୟସର ଝିଅଙ୍କ ବିବାହ ହେଲେ ଶାରୀରିକ କୁପ୍ରଭାବ ନେଇ ଆଲୋଚନା ହୋଇଥିଲା। ପିତୃହରା ପିଲାଙ୍କୁ କିପରି ଭାବେ କୁସଂସ୍କାରରୁ ଦୂରେଇ ରଖିବା, ନିର୍ଯାତିତ ବା ଅବହେଳିତ ନହେବା ଏବଂ ସେମାନଙ୍କୁ ଯଶୋଦା, ସୁଦକ୍ଷା ଆଦି ବିଭିନ୍ନ ଯୋଜନାରେ ସାମିଲ କରି ଶିକ୍ଷା, ଆର୍ଥିକ ସ୍ୱଚ୍ଛଳ ଆଦି କ୍ଷେତ୍ରରେ ଉନ୍ନତି ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୈଠକ ହୋଇଥିଲେ ମଧ୍ୟ ବହୁ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର, ବ୍ଲକ୍ ମିଶନ ଶକ୍ତି ମହାସଂଘର ସଭାନେତ୍ରୀ, ସମ୍ପାଦିକା, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
**J.S.C.A. Stadium Road, Sector.-III, Dhurwa, Ranchi-834004**
**Phone:0651-2444501, E-Mail: jepcranchi1@gmail.com**

**e-Procurement Notice(2nd Call)**

JEPC invites Separate Technical & Financial Bids through e-procurement method from eligible and interested contractors for Constructions of 100 Bedded Hostel for PM-JANMAN at Garhwa District of Palamu Division of Jharkhand Interested and eligible bidders are requested to submit their proposal latest by 28.11.2025 at 2.00 PM.

The details of tender document can be seen and applied through website https://jharkhandtenders.gov.in only.

PR 365794 Jharkhand Education Project Council (25-26)_D

Sd/-
State Project Director
Jharkhand Education Project Council

Ref. No.: JEPC/CIV/03/1638/2025/4652 — Ranchi, Date :- 10.11.2025

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH**
**TENDER CALL NOTICE**

No.5358/C.S — Dt.10.11.2025

**No.E-498** : Sealed tenders are invited from registered firms / dealers / agencies for supply of Drugs, consumables, Laboratory reagent & BCL Items for Deogarh District for the year 2025-26. The details, term and condition, guidelines etc. including tender paper format can be downloaded from the district website i.e **www.deogarh.nic.in** or collected from central store. DHH, Deogarh in the official hour by depositing tender paper cost of Rs.5000/- (Non-refundable) in shape of DD in favour of RKS. DHH. Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 25/11/2025 by 5.00 PM. through Regd. Post/speed post/courier only and the same will be opened on date- 27.11.2025 at 11.00 AM. The undersigned reserves the right to cancel, accept or reject any or all tenders without assigning any reason thereof.

OIPR-
Sd./-CDM & PHO
Deogarh

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : PURI**
**(DISTRICT TB CELL, PURI)**
Notice No. 420/NTEP/Dated. 06.11.2025

**SHORT TENDER NOTICE**

**No.E-503** : Sealed Tenders in prescribed format are invited for supply of additional nutritional support among consented TB patient for PMTBMBA Programme under NTEP.

The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately. The details list, specification, eligibility criteria and Tender Terms and Conditions may be downloaded from District website puri.odisha.gov.in

The sealed Tender will be received through Speed Post, Reg. Post & Courier only on or before 24.11.2025 till 5 P.M. by CDM&PHO, Puri, and the said tender will be opened on 25.11.2025 at 12 Noon in presence of bidders or their authorized representatives in the office of CDM&PHO, Puri and absence of any of them will not be bar to open the Bid. Tenders received incomplete or after the scheduled date & time shall be rejected.

Rate should be quoted for each item in F.O.R destination including all incidental charges, GST.

The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of District Judge situated at Puri, Odisha only.

OIPR-
Sd./- Chief District Medical & Public Health Officer, Puri

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit-III, Bhubaneswar-751 001
Tel. : (0674) 2380950, Website : www.osmcl.nic.in,
Email : drugs-osmcl@od.gov.in

Bid Ref. No. : OSMCL/2025-26/DRUGS-DHS-ACD-RE-TENDER/07 — Date : 12.11.2025

**No.CAD-2273** : Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Anti-Cancer Drugs (Re-Tender) for the year 2025-26 as per the particulars mentioned below :

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 12.11.2025, 3.00 P.M. | |
| 2. | Date & time for submission of queries by E-Mail to Id drugs-osmcl@od.gov.in | 15.11.2025, up to 5:00 P.M. | |
| 3. | Date & time of Online bid submission | Start Date & Time: 18.11.2025, 3.00 P.M. | End Date & Time: 08.12.2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 09.12.2025, 10.00 A.M. | End Date & Time: 16.12.2025, 11.00 A.M. |
| 5. | Date & time of online Technical bid opening | 16.12.2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notices will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR-
Sd./- Managing Director
OSMC Ltd., Odisha

**REGULATED MARKET COMMITTEE, CHANDBALI**
At/P.O.: Chandbali, Dist.: Bhadrak, Mail id: rmcchandbali@gmail.com
**SHORT TENDER CALL NOTICE**

The A.D.M., Bhadrak-cum-Chairman, RMC, Chandbali invites rate quoted sealed tender vide short Tender Call Notice No. 281 Dt.11.11.2025 from eligible authenticated suppliers/manufacturers for purchase of weigh machine to be required for paddy procurement during K.M.S. - 2025-26. All detail information & specification are available in district website **www.bhadrakodisha.gov.in/tender**.

Sd./- A.D.M., Bhadrak-cum-Chairman
RMC, Chandbali

**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com
Office Order No. 4102 — Dated: 12.11.2025

**1st Corrigendum Bid Identification No. Road Tender Online RWCSBP-20/2025-26**

No. O-1431: Following modifications are hereby made to the notice inviting tender vide this office Bid ID No. Road tender Online RWCSBP-20/2025-26.
1. The availability of tender online for bidding may be read as 24.11.2025 from 11.00 A.M. to 09.12.2025 upto 5.00 P.M. instead of from 03.11.2025 from 11.00 A.M. to 17.11.2025 upto 5.00 P.M.
2. The last date & time for seeking clarification may be read as 06.12.2025 upto 5.00 P.M. instead of 15.11.2025 upto 5.00 P.M.
3. The date & time of technical opening bid may be read as 10.12.2025 at 11.00 A.M. instead of 18.11.2025 at 11.00 A.M.

All other terms and condition remain unchanged.

OIPR-
Sd./- Chief Construction Engineer
R.W. Circle, Sambalpur

**ODISHA HYDRO POWER CORPORATION LTD.** OHPC
(A Gold Rated State PSU)
O/o. Sr. General Manager, Rengali Hydro Electric Project, Rengali
P.O.: Rengali Dam Site, Dist.: Angul (Odisha), PIN - 759105
Tel.: 06760-266031, Email: sgmel500@gmail.com
No. OHPC/RHEP/TW/WKS-III/20/8266 — Dated: 12.11.2025

**ବିଜ୍ଞପ୍ତି**

No. CAD-2288: ଏତଦ୍ୱାରା ରେଙ୍ଗାଲି ଡ୍ୟାମ୍ ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନ ଭାର ବିଦ୍ୟୁତ୍ ବିତରଣ କମ୍ପାନୀ Tata Power (TPCODL)କୁ ହସ୍ତାନ୍ତରହେବା ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଅତି ଶୀଘ୍ର ସମ୍ପୂର୍ଣ୍ଣ ହେବ। ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ରେଙ୍ଗାଳିସ୍ଥିତ ପୁରାତନ ନବୋଦୟ ବିଦ୍ୟାଳୟ ପରିସରରେ ଥିବା ଟି.ପି.ସି.ଓ.ଡି.ଏଲ୍. କ୍ୟାମ୍ପ ଅଫିସ୍‌ରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ ନଥିପତ୍ର (Document) ଦେଇ ଆବେଦନ କରନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଲେ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ (OHPC Ltd.) କର୍ତ୍ତୃପକ୍ଷ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ ଦାୟୀ ରହିବେ ନାହିଁ।

OIPR-
ସ୍ୱା./- ବରିଷ୍ଠ ସାଧାରଣ ପରିଚାଳକ
ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)**
R.F.P No. : 12691/25-Diet DHH-38-(B) — Date : 07.11.2025

**REQUEST FOR PROPOSAL (R.F.P) FOR OUTSOURCING OF DIET SERVICES FOR INDOOR PATIENTS OF D.H.H, MALKANGIRI**

**No.E-502** : Sealed R.F.Ps are invited from the eligible reputed registered Company / Firm / Society / Trust or SHG / SHG Federation for outsourcing of Diet Services for indoor patients of D.H.H, Malkangiri on annual contract basis. The details, Term & condition Guideline etc. including R.F.P format can be downloaded from the district web site www.malkangiri.nic.in. The R.F.P in the prescribed format along with all relevant documents should be reached in the office of the D.M.O(M.S)-cum- Superintendent, D.H.H, Malkangiri by 01/12/2025, TIME - 5:00 P.M. through Regd. Post / Speed Post only. No other mode is allowed. The envelope should duly super scribed on top of Envelope as sealed cover **"PROPOSAL FOR SUPPLY OF DIET FOR INDOOR PATIENTS OF D.H.H, MALKANGIRI"**. Last date of submission 01/12/2005 at 5:00 P.M. The same will open on 02/12/2025, 11:00 A.M. at 05th floor Conference hall, DHH, Malkangiri. The undersigned reserves the right to reject any or all the quotations without assigning any reason thereof.

OIPR-
Sd./- Dolamani Pradhan
Chief District Medical & Public Health Officer, Malkangiri

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,
जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

**" सूचना "**

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006Road(25-26)*D द्वारा आमंत्रित अल्पकालीन ई–निविदा में निम्न प्रकार संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 बजे पूर्वाह्न | 20.11.2025 10:30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय | 22.11.2025 12:00 बजे दिन तक | 26.11.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।

PR 365903 (Road) 25-26 (D)

# ଚୋରା ଚାଲାଣକାରୀଙ୍କୁ ଅନୁକମ୍ପା

- ନିୟମ ମାନୁନାହାନ୍ତି ଅଧିକାରୀ
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କଠାରେ ଦାବି

ବାରିପଦା,୧୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବେଆଇନ ବାଲି ଖନନ ଓ ପରିବହନକୁ ନେଇ କାର୍ଯ୍ୟାନୁଷ୍ଠାନରେ ବିଳମ୍ବତା ଦେଖାଦେଇଛି। ଖଣି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଚୋରା ଚାଲାଣକାରୀଙ୍କ ପ୍ରତି ଅନୁକମ୍ପା ଯୋଗୁ ଚୋରା ସାମଗ୍ରୀ ଜବତ ପରେ ମାମଲା ରୁଜୁ କରାଯାଉନାହିଁ। ଯାହାକୁ ନେଇ କଂଗ୍ରେସର ପ୍ରମୋଦ କୁମାର ହେମ୍ବ୍ରମ ଗୁରୁବାର ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଜିଲାର ବଡ଼ସାହି ତହସିଲ ଅଧୀନ କୋଚିଲାଖୁଣ୍ଟା ଗ୍ରାମପଞ୍ଚାୟତ ବାଗୁଲି ଓ ପାଇକପଡ଼ା ସନ୍ନିକଟ ବୁଢ଼ାବଳଙ୍ଗ ନଦୀ ଗର୍ଭରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ନଦୀରେ ବାଲିବନ୍ଧ ଦିଆଯାଇ ଜଳର ଗତିପଥକୁ ପରିବର୍ତ୍ତନ କରି ଏକ୍ସାଭେଟର ମାଧ୍ୟମରେ ଶହ ଶହ ଟ୍ରିପ ବାଲି ଖନନ କରାଯାଇ ପରିବହନ କରାଯାଉଛି। ଅଭିଯୋଗ ପରେ ଲଘୁ ଖଣିଜ ସମ୍ପଦ ବିଭାଗ ଚଢ଼ାଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଏକ୍ସାଭେଟର(ଉଚ୍ଚ କ୍ଷମତା ସମ୍ପନ୍ନ ଜେସିବି)କୁ ଜବତ କରିଥିଲା। ମାତ୍ର ଜେସିବିକୁ କାର୍ଯ୍ୟାଳୟ ଆଣିବା ପରିବର୍ତ୍ତେ ସେହି ସ୍ଥାନରେ ଗାଡ଼ିର ମାଲିକଙ୍କ ଜିମା ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ସମ୍ପତ୍ତିକୁ ଚୋରି କରୁଥିବା ଚୋରା ଚାଲାଣକାରୀଙ୍କ ବିରୋଧରେ ଆଇନଗତ ମାମଲା ରୁଜୁ କରିବା ପରିବର୍ତ୍ତେ ଖଣିଅଧିକାରୀ ଚୁପ ହୋଇ ବସିଛନ୍ତି। ତେବେ ଏହାକୁ ନେଇ କଂଗ୍ରେସ ନେତା ହେମ୍ବ୍ରମ ଖଣି ଅଧିକାରୀଙ୍କୁ ସାକ୍ଷାତ କରି ମାମଲା ରୁଜୁ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଖଣିଜ ଚୋରି, ଚୋରାଚାଲାଣ ଏବଂ ଅବୈଧ ଖଣି ନିବାରଣ ଏବଂ ଦଖଲ, ସଂରକ୍ଷଣ, ବାଣିଜ୍ୟ ଓ ପରିବହନ ନିୟନ୍ତ୍ରଣ ନିୟମ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ଖଣି ଅଧିକାରୀ କହିଥିବା ହେମ୍ବ୍ରମ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଏନଜିଟିର ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ଓ ଲଘୁ ଖଣିଜ ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ ବେଆଇନ ଖନନ, ଚୋରି ଓ ପରିବହନ ସମ୍ପର୍କରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। କେବଳ ଲିଜଧାରୀଙ୍କ କ୍ଷେତ୍ରରେ କମ୍ପାଉଣ୍ଡ ଜରିମାନା କିମ୍ବା ମାମଲା ସମ୍ପର୍କରେ ବିଭାଗୀୟ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି।

ତେବେ ଖଣି ଅଧିକାରୀଙ୍କୁ ଉକ୍ତ ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନ ସମ୍ପର୍କରେ ଜଣାଥିଲେ ମଧ୍ୟ ସେ ଜାଣିଶୁଣି ଚୋରାଚାଲାଣକାରୀଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା କଂଗ୍ରେସ ନେତା ହେମ୍ବ୍ରମ କହିଛନ୍ତି। ଏପରିକି ସରକାରୀ ରାଜକୋଷକୁ ଗୁରୁତର କ୍ଷତି ଏବଂ ପରିବେଶକୁ କ୍ଷତି ପହଞ୍ଚାଉଥିବାରୁ ଏକ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ବିସ୍ତୃତ ତଦନ୍ତ କରି ଚୋରା ଚାଲାଣରେ ଜଡିତ ଅଭିଯୁକ୍ତ ଓ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣିଜ ଅଧିକାରୀ ଉଦୟଭାନୁ ସାହୁଙ୍କୁ ପଚାରିବାରୁ ଜବତ ମେଶିନ ଓ ଟ୍ରାକ୍ଟର ବିରୋଧରେ ମାମଲା ରୁଜୁ ହୋଇନାହିଁ । ଆଇନଗତ ମାମଲା ରୁଜୁ ହେଲେ ଜଣାଇବେ ବୋଲି ସେ କହିଛନ୍ତି। ତେବେ ରାଜସ୍ୱହାନି ପ୍ରତି ଧ୍ୟାନ ଦେବାକୁ ରାଜସ୍ୱମନ୍ତ୍ରୀ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଗଙ୍ଗାହାର, ସୋନ, ଜମ୍ବୀରା ଆଦି ନଦୀ ଗର୍ଭକୁ ଚିରି ବାଲି ଚୋରମାନେ ନିଜର କଳାସାମ୍ରାଜ୍ୟ ଚଳାଉଥିବାରୁ ନଦୀକୂଳବାସୀ ଆତଙ୍କିତ ଓ ଭୟଭୀତ ହୋଇପଡ଼ିଛନ୍ତି। ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଜନଅସନ୍ତୋଷ ତୀବ୍ର ଆନ୍ଦୋଳନର ରୂପ ନେବ ବୋଲି ପରିବେଶବିତମାନେ ପ୍ରକାଶ କରିଛନ୍ତି।



ନଦୀ ଜଳ ଗତିପଥ ପରିବର୍ତ୍ତନ କରି ବାଲି ଉତ୍ତୋଳନ କରାଯାଉଛି।

## ମୋରମ ବୋଝେଇ ଡମ୍ଫର ଜବତ




ମୋରଡ଼ା,୧୩।୧୧(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ବିଳମ୍ବିତ ରାତିରେ ବେଧଡକ ମାଟି ଓ ମୋରମ ଚାଲାଣ ହେଉଛି। ଗୋଟିଏ ପରମିଟରେ ଏକାଧିକ ଭାବେ ମାଟି ଓ ମୋରମ ଚାଲାଣ ହେଉଛି। ଯାହାକୁ ନେଇ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ଡମ୍ଫରକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବାଟରେ ଖଣି ଓ ପୋଲିସ ବିଭାଗକୁ ଜଗୁଥିବା ଚୋରାଚାଲାଣକାରୀମାନେ ପୂର୍ବରୁ ସୂଚନା ଦେବାରୁ ଜେସିବି ଓ ଅନେକ ଡମ୍ଫର ଖସି ପଳାଇଥିବା ବେଳେ ଗୁରୁବାର ସକାଳେ ଭାଲିଆପଦାଠାରେ ଗୋଟିଏ ଡମ୍ଫରକୁ ମାଇନିଙ୍ଗ ବିଭାଗ ଜବତ କରି ରାସଗୋବିନ୍ଦପୁର ଥାନାରେ ରଖିଛି।

## ମଦ ଜବତ, ଜଣେ ଗିରଫ

ଗୋପବନ୍ଧୁ ନଗର,୧୩।୧୧
(ଶାନ୍ତନୁ କୁମାର ମଣ୍ଡୁଆଲ)

ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଗୁରୁବାର କୁଡ଼ିଆଖୁଣ୍ଟା ଗ୍ରାମର ଭାଗବତ ମୁର୍ମୁ(୪୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୫ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ମଦ ନେଇ ରାସ୍ତାରେ ଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଧରା ପଡ଼ିଥିଲେ।

## ବ୍ଲକସ୍ତରୀୟ ସଚେତନତା ଶିବିର

### ଯୋଗଦେଲେ ୫୦ ଶିକ୍ଷାର୍ଥୀ

ବାରିପଦା,୧୩।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବ୍ଲକ୍ ଅଧୀନ କୈଳାସଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଦିବ୍ୟାଙ୍ଗ ଶିଶୁଙ୍କ ମାତାପିତା, ଅଭିଭାବକ, ପ୍ରଧାନ ଶିକ୍ଷକ, ପ୍ରିନସିପାଲ ଓ ସିଆରସିମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମିଶ୍ର ତଥା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫୦ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଏହି ସଚେତନତା ଶିବିର ମାଧ୍ୟମରେ ଦିବ୍ୟାଙ୍ଗ ଶିଶୁମାନଙ୍କ ଲାଗି ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ଆର୍ଥିକ ସହାୟତା, ସରକାରୀ ନୀତି ନିୟମ, ଶିକ୍ଷା ଦାନ ପଦ୍ଧତିରେ ଆନୁସଙ୍ଗିକ ପରିବର୍ତ୍ତନ ତଥା ଅନୁକୂଳନ ବ୍ୟବସ୍ଥା ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଏଭଳି ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସେମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଉପକରଣର ଉପଲବ୍ଧତା ଇତ୍ୟାଦି କଥା ଏହି ସଚେତନତା ଶିବିରରେ ବ୍ଲକର ଭିନ୍ନକ୍ଷମ ସାଧନ କର୍ମୀ ରେଖାରାଣୀ ଦାସ, ଦିଲ୍ଲିପ କୁମାର ଦାସ ଏବଂ ରାଜବସା ସିଆରସିସି ସୁଶୀଲ କୁମାର ପଣ୍ଡା ଆଲୋକପାତ କରିଥିଲେ। ଏଥିରେ ଜାମଦାପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ଗାୟତ୍ରୀ ବିନ୍ଧାଣି (ମସ୍ତିଷ୍କ ପକ୍ଷାଘାତ)ଙ୍କୁ ଶିକ୍ଷାରେ ସୁବିଧା ଲାଗି ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଏକ ଟ୍ୟାଲେଟ ପ୍ରଦାନ କରାଯାଇଥିଲା। ଏହି ଶିବିର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହେବାର ସ୍ଥିର ହୋଇଛି ବୋଲି ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ପ୍ରକାଶ କରିଛନ୍ତି।


**REGULATED MARKET COMMITTEE, CHANDBALI**
At/P.O.: Chandbali, Dist.: Bhadrak, Mail id: rmcchandbali@gmail.com
**SHORT TENDER CALL NOTICE**
The A.D.M., Bhadrak-cum-Chairman, RMC, Chandbali invites rate quoted sealed tender vide short Tender Call Notice No. 281 Dt.11.11.2025 from eligible authenticated suppliers/manufacturers for purchase of weigh machine to be required for paddy procurement during K.M.S. - 2025-26. All detail information & specification are available in district website **www.bhadrakodisha.gov.in/tender**.
Sd./- A.D.M., Bhadrak-cum-Chairman
RMC, Chandbali


# ମନମୋହିଲା ନାଟକ 'ଅଲ୍ ମାଇ ସନ୍ସ'

### ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ

ବାରିପଦା,୧୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡା, ଶିକ୍ଷାବିତ ପ୍ରୀତିଶ ବଶା, ପୂର୍ବତନ ବିଧାୟକ କାନ୍ଦରା ସୋରେନ ପ୍ରମୁଖ ଯୋଗଦେଇଥିଲେ । ସଂସ୍ଥାର ପ୍ରତିଷ୍ଠାତା ଧୀର ବଶା ମହୋତ୍ସବକୁ ସଫଳ କରିବା ପାଇଁ ଉପସ୍ଥିତ ଦର୍ଶକଙ୍କୁ ଅନୁରୋଧ କରିଥିଲେ । ରାଜେଶ ଦାଶ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଇଉନିକର୍ଣ୍ଣ ସ୍ଟୁ ନୂଆ ଦିଲ୍ଲୀ ପ୍ରଯୋଜିତ, ଆର୍ଥର ମିଲାରଙ୍କ ରଚିତ ତଥା ହେପି ରଣଜିତଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଅଲ୍ ମାଇ ସନ୍ସ ଦର୍ଶକଙ୍କ ମନ ମୋହିଥିଲା। ଏହି ନାଟକରେ ଗୌରୀ ଦେୱାଲ, ସେହାଜ ହର୍ଜାଇ, କ୍ରିଆର୍ଥ ସିଂହ, ଉନିଷ ପ୍ରତାପ ସିଂହ, ଏଭା ସିଦ୍ଦିକି ଓ ସାହିଲ ନିରୋଲା ଅଭିନୟ କରିଥିଲେ । ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା । ଏହି ମହୋତ୍ସବ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

### କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

ବାରିପଦା,୧୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ବର୍ଷ ଜିଲାରେ ୧୭ରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଉପଲକ୍ଷେ ମୟୂରଭଞ୍ଜ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସଭା ଗୃହରେ ଆୟୋଜିତ ଏହି ବୈଠକରେ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା।

ପ୍ରକାଶ ଥାଉକି, ଜିଲାରେ ଗତ ୨୦୨୪-୨୫ ବର୍ଷରେ ୬୨୭ ଜଣ ନୂତନ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୫-୨୬ ବର୍ଷ ପାଇଁ ସେପ୍ଟେମ୍ବର ମାସ ସୁଦ୍ଧା ୧୯୮ ଟି ନୂତନ କେଶ ଚିହ୍ନଟ ହୋଇଛି। ଅଭିଯାନ ସମୟରେ ବିଦ୍ୟାଳୟ ଗୁଡ଼ିକରେ ରୋଗ ଚିହ୍ନଟ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଆବଶ୍ୟକ ସହଯୋଗ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆବଶ୍ୟକ ସ୍ଥଳେ ଆଶା କର୍ମୀମାନଙ୍କୁ ନିୟୋଜିତ କରିବା ପାଇଁ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନର ସଫଳ ରୂପାୟନ ପାଇଁ ଗ୍ରାମ୍ୟ ସ୍ତରରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସଂଶ୍ଲିଷ୍ଟ କରାଇବା ନେଇ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ବ୍ଲକ ଓ ଜିଲାସ୍ତରରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ସର୍ଭେରେ ସମ୍ପୃକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ, ଅଧିକାରୀମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

କେନ୍ଦ୍ରୀୟ କୁଷ୍ଠ ଡିଭିଜନ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଠନ ଆଭିମୁଖ୍ୟ ରଖାଯାଇଛି। ଏଡିଏମଓ ଡା. ବିଜୟ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲା କୁଷ୍ଠ ରୋଗ ଚିକିତ୍ସା ଅଧିକାରୀ ଡା. ଶାନ୍ତନୁ କୁମାର ଦାଶ ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ପିପିଟି ଜରିଆରେ ଉପସ୍ଥାପନ ରଖିଥିଲେ। ଜିଲା କୁଷ୍ଠ ରୋଗ ଚିକିତ୍ସା ପରାମର୍ଶଦାତା ଡା.ତପନ କୁମାର ମହାପାତ୍ର, ଡିପିଏମ ଅନିଲ କୁମାର ମହାନ୍ତିଙ୍କ ସହ କମିଟିର ଅନ୍ୟାନ୍ୟ ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH**
**TENDER CALL NOTICE**
No.5358/C.S Dt.10.11.2025
**No.E-498** : Sealed tenders are invited from registered firms / dealers / agencies for supply of Drugs, consumables, Laboratory reagent & BCL Items for Deogarh District for the year 2025-26. The details, term and condition, guidelines etc. including tender paper format can be downloaded from the district website i.e **www.deogarh.nic.in** or collected from central store. DHH, Deogarh in the official hour by depositing tender paper cost of Rs.5000/- (Non-refundable) in shape of DD in favour of RKS. DHH. Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 25/11/2025 by 5.00 PM. through Regd. Post/speed post/courier only and the same will be opened on date- 27.11.2025 at 11.00 AM. The undersigned reserves the right to cancel, accept or reject any or all tenders without assigning any reason thereof.
Sd./-CDM & PHO
Deogarh
OIPR-



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : PURI (DISTRICT TB CELL, PURI)**
Notice No. 420/NTEP/Dated. 06.11.2025
**SHORT TENDER NOTICE**
**No.E-503** : Sealed Tenders in prescribed format are invited for supply of additional nutritional support among consented TB patient for PMTBMBA Programme under NTEP.
The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately. The details list, specification, eligibility criteria and Tender Terms and Conditions may be downloaded from District website puri.odisha.gov.in
The sealed Tender will be received through Speed Post, Reg. Post & Courier only on or before 24.11.2025 till 5 P.M. by CDM&PHO, Puri, and the said tender will be opened on 25.11.2025 at 12 Noon in presence of bidders or their authorized representatives in the office of CDM&PHO, Puri and absence of any of them will not be bar to open the Bid. Tenders received incomplete or after the scheduled date & time shall be rejected.
Rate should be quoted for each item in F.O.R destination including all incidental charges, GST.
The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of District Judge situated at Puri, Odisha only.
Sd./- Chief District Medical &
Public Health Officer, Puri
OIPR-



**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit-III, Bhubaneswar-751 001
Tel. : (0674) 2380950, Website : www.osmcl.nic.in,
Email : drugs-osmcl@od.gov.in
Bid Ref. No. : OSMCL/2025-26/DRUGS-DHS-ACD-RE-TENDER/07 Date : 12.11.2025
**No.CAD-2273** : Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Anti-Cancer Drugs (Re-Tender) for the year 2025-26 as per the particulars mentioned below :

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 12.11.2025, 3.00 P.M. | |
| 2. | Date & time for submission of queries by E-Mail to Id drugs-osmcl@od.gov.in | 15.11.2025, up to 5:00 P.M. | |
| 3. | Date & time of Online bid submission | Start Date & Time: 18.11.2025, 3.00 P.M. | End Date & Time: 08.12.2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 09.12.2025, 10.00 A.M. | End Date & Time: 16.12.2025, 11.00 A.M. |
| 5. | Date & time of online Technical bid opening | 16.12.2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notices will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.
Sd./- Managing Director
OSMC Ltd., Odisha
OIPR-



**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com
Office Order No. 4102 Dated: 12.11.2025
**1st Corrigendum Bid Identification No.**
**Road Tender Online RWCSBP-20/2025-26**
No. O-1431: Following modifications are hereby made to the notice inviting tender vide this office Bid ID No. Road tender Online RWCSBP-20/2025-26.
1. The availability of tender online for bidding may be read as 24.11.2025 from 11.00 A.M. to 09.12.2025 upto 5.00 P.M. instead of from 03.11.2025 from 11.00 A.M. to 17.11.2025 upto 5.00 P.M.
2. The last date & time for seeking clarification may be read as 06.12.2025 upto 5.00 P.M. instead of 15.11.2025 upto 5.00 P.M.
3. The date & time of technical opening bid may be read as 10.12.2025 at 11.00 A.M. instead of 18.11.2025 at 11.00 A.M.

All other terms and condition remain unchanged.
Sd./- Chief Construction Engineer
R.W. Circle, Sambalpur
OIPR-



**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/o. Sr. General Manager, Rengali Hydro Electric Project, Rengali
P.O.: Rengali Dam Site, Dist.: Angul (Odisha), PIN - 759105
Tel.: 06760-266031, Email: sgmel500@gmail.com
No. OHPC/RHEP/TW/WKS-III/20/8266 Dated: 12.11.2025
**ବିଜ୍ଞପ୍ତି**
No. CAD-2288: ଏତଦ୍ଦ୍ୱାରା ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନ ଭାର ବିଦ୍ୟୁତ୍ ବିତରଣ କମ୍ପାନୀ Tata Power (TPCODL)କୁ ହସ୍ତାନ୍ତରହେବା ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଅତି ଶୀଘ୍ର ସମ୍ପୂର୍ଣ୍ଣ ହେବ। ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ରେଙ୍ଗାଳିସ୍ଥିତ ପୁରାତନ ନବୋଦୟ ବିଦ୍ୟାଳୟ ପରିସରରେ ଥିବା ଟି.ପି.ସି.ଓ.ଡି.ଏଲ୍. କ୍ୟାମ୍ପ ଅଫିସ୍‌ରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ କାଗଜପତ୍ର (Document) ଦେଇ ଆବେଦନ କରନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଲେ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ (OHPC Ltd.) କର୍ତ୍ତୃପକ୍ଷ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ ଦାୟୀ ରହିବେ ନାହିଁ।
ସ୍ୱା./- ବରିଷ୍ଠ ସାଧାରଣ ପରିଚାଳକ
ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ
OIPR-



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)**
R.F.P No. : 12691/25-Diet DHH-38-(B) Date : 07.11.2025
**REQUEST FOR PROPOSAL (R.F.P) FOR OUTSOURCING OF DIET SERVICES FOR INDOOR PATIENTS OF D.H.H, MALKANGIRI**
**No.E-502** : Sealed R.F.Ps are invited from the eligible reputed registered Company / Firm / Society / Trust or SHG / SHG Federation for outsourcing of Diet Services for indoor patients of D.H.H, Malkangiri on annual contract basis. The details, Term & condition Guideline etc. including R.F.P format can be downloaded from the district web site www.malkangiri.nic.in. The R.F.P in the prescribed format along with all relevant documents should be reached in the office of the D.M.O(M.S)-cum- Superintendent, D.H.H, Malkangiri by 01/12/2025, TIME - 5:00 P.M. through Regd. Post / Speed Post only. No other mode is allowed. The envelope should duly super scribed on top of Envelope as sealed cover **"PROPOSAL FOR SUPPLY OF DIET FOR INDOOR PATIENTS OF D.H.H, MALKANGIRI"**. Last date of submission 01/12/2005 at 5:00 P.M. The same will open on 02/12/2025, 11:00 A.M. at 05th floor Conference hall, DHH, Malkangiri. The undersigned reserves the right to reject any or all the quotations without assigning any reason thereof.
Sd./- Dolamani Pradhan
Chief District Medical & Public Health Officer, Malkangiri
OIPR-



**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
**J.S.C.A. Stadium Road, Sector.-III, Dhurwa, Ranchi-834004**
**Phone:0651-2444501, E-Mail: jepcranchi1@gmail.com**
**e-Procurement Notice(2nd Call)**
JEPC invites Separate Technical & Financial Bids through e-procurement method from eligible and interested contractors for Constructions of 100 Bedded Hostel for PM-JANMAN at Garhwa District of Palamu Division of Jharkhand Interested and eligible bidders are requested to submit their proposal latest by 28.11.2025 at 2.00 PM.
The details of tender document can be seen and applied through website https://jharkhandtenders.gov.in only.
Sd/-
State Project Director
Jharkhand Education Project Council
PR 365794 Jharkhand Education Project Council (25-26)_D
Ref. No.: JEPC/CIV/03/1638/2025/4652 Ranchi, Date :- 10.11.2025



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,
जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in
" सूचना "
एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006Road(25-26)*D द्वारा आमंत्रित अल्पकालीन ई–निविदा में निम्न प्रकार संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 बजे पूर्वाह्न | 20.11.2025 10:30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय | 22.11.2025 12:00 बजे दिन तक | 26.11.2025 12:00 बजे दिन तक |

शेष यथावत रहेंगे।
कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।
PR 365903 (Road) 25-26 (D)

# ସ୍ପିନ୍ ଚ୍ୟାଲେଞ୍ଜ

**ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଦୁଇଟି ସ୍ପିନିଂ ଟ୍ରାକ୍‌ରେ ଉଭୟ ଦଳ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ...**



ନିର୍ମଳ କୁମାର ମିଶ୍ର

କ୍ରିକେଟର ୩ଟି ଯାକ ଫର୍ମାଟରେ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଦଳ ଭାରତ ଆସିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ତୃତୀୟ ପର୍ଯ୍ୟାୟରେ ଚାମ୍ପିୟନ ହୋଇଥିବା ଏହି ଦଳ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଶୁକ୍ରବାରଠାରୁ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳିବ। ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛି। ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। କ୍ରିକେଟର ୩ଟି ଫର୍ମାଟରେ ଦକ୍ଷିଣ ଆଫ୍ରିକା ନିଜର ଦବ୍‌ଦବା ଦେଖାଇବା ଆରମ୍ଭ କରିଛି। ବ୍ୟାଟିଂ ଓ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ଉଭୟ ଦଳର ଏକାଧିକ ଖେଳାଳି ସାମିଲ ଥିବାରୁ ମ୍ୟାଚଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ସିରିଜର ଦ୍ୱିତୀୟ ଟେଷ୍ଟ ଗୁଆହାଟୀର ବର୍ଷାପରା ଷ୍ଟାଡିୟମରେ ନଭେମ୍ବର ୨୨ରୁ ଆରମ୍ଭ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଉଭୟ ଦଳ ଦୁଇଟି ସ୍ପିନିଂ ଟ୍ରାକରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ।

ରେକର୍ଡ ଦେଖିଲେ ଉଭୟ ଦଳ ମଧ୍ୟରେ ମୋଟ ୪୪ଟି ଟେଷ୍ଟ ଅନୁଷ୍ଠିତ ହୋଇଛି। ଏଥିରୁ ଦକ୍ଷିଣ ଆଫ୍ରିକା ୧୮ଟି ବିଜୟ ସହ ଆଗରେ ରହିଥିବା ବେଳେ ଭାରତ ୧୬ଟି ଜିତିଛି। ୧୦ ମ୍ୟାଚରୁ ଫଳାଫଳ ମିଳିନାହିଁ। ଘରୋଇ ମାଟିରେ ହ୍ୱାଇଟ ୱାଶ କରିବା ଲକ୍ଷ୍ୟରେ ରହିବ ଗିଲ୍ ବାହିନୀ। ଉଭୟ ଦଳ ମଧ୍ୟରେ ୧୬ଟି ସିରିଜରେ ଏହି ଟେଷ୍ଟଗୁଡ଼ିକ ଖେଳାଯାଇଛି। ଦକ୍ଷିଣ ଆଫ୍ରିକା ୮ଟି ସିରିଜ ଜିତିଥିବା ବେଳେ ଭାରତ ୪ଟିରେ ବିଜୟ ଲାଭ କରିଛି ଓ ୪ଟି ସିରିଜ ଡ୍ର' ରହିଛି। ଭାରତ ପକ୍ଷରୁ ଲୋକେଶ ରାହୁଲ ୭ ମ୍ୟାଚରୁ ୩୬୯ (୨ଟି ଶତକ) ଓ ରବୀନ୍ଦ୍ର ଜାଡେଜା ୯ ମ୍ୟାଚରୁ ୩୨୯ ରନ୍ (୨ଟି ଅର୍ଦ୍ଧଶତକ) ହାସଲ କରିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ ଭାରତ ବିପକ୍ଷରେ ସଫଳତା ହାସଲ କରିଛନ୍ତି। ଭାରତର ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜାଙ୍କ ଭଳି କାଗିଶୋ ରାବାଡା ଓ କେଶବ ମହାରାଜ ଏହି ଦଳର ସଫଳ ବୋଲର ତାଲିକାରେ ଅଛନ୍ତି।

ଦକ୍ଷିଣ ଆଫ୍ରିକା ସିନିୟର ଖେଳାଳିଙ୍କ ମଧ୍ୟରେ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ, କେଶବ ମହାରାଜ, କାଗିଶୋ ରାବାଡା, ଟ୍ରିଷ୍ଟନ ଷ୍ଟବ୍ସ, କର୍ବିନ ବୋଚ, ୱିଆନ ମୋଲଡରଙ୍କ ପରି ଖେଳାଳି ସବୁ ଫର୍ମାଟରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅନ୍ୟପକ୍ଷରେ ଭାରତର ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ଧ୍ରୁବ ଜୁରେଲଙ୍କ ପରି ଖେଳାଳିଙ୍କର ଖୁବ କମ୍ ଅଭିଜ୍ଞତା ରହିଛି। ଏହାସତ୍ତ୍ୱେ ଦକ୍ଷିଣ ଆଫ୍ରିକା ପାଇଁ ଟେଷ୍ଟ ସିରିଜ ବେଶ୍ ଚ୍ୟାଲେଞ୍ଜ ଭରା ରହିବ। ଭାରତ ୭ଟି ଟେଷ୍ଟ ମ୍ୟାଚ ଖେଳି ୪ ବିଜୟ, ୨ଟି ପରାଜୟ ଏବଂ ଗୋଟିଏ ଡ୍ର ସହ ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୨ଟି ଟେଷ୍ଟ ଖେଳି ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟ ସହ ୫ମ ସ୍ଥାନରେ ରହିଛି। ୨୦୨୫-୨୭ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୧୮ଟି ଟେଷ୍ଟ ମ୍ୟାଚ ଖେଳିବ। ଏଥିରୁ ଇଂଲଣ୍ଡ ସହ ୫ଟି, ଶ୍ରୀଲଙ୍କା ସହ ୨ଟି ଏବଂ ନ୍ୟୁଜିଲାଣ୍ଡ ସହ ୨ଟି ଟେଷ୍ଟ ବିଦେଶ ମାଟିରେ ଖେଳିବାକୁ ରହିଛି। ଦକ୍ଷିଣ ଆଫ୍ରିକା ଡବ୍ଲ୍ୟୁଟିସି ଚାମ୍ପିୟନ ହୋଇ ମାତ୍ର ୧୪ଟି ଟେଷ୍ଟ ମ୍ୟାଚ ଖେଳିବ। ୨୦୨୬ରେ ଦକ୍ଷିଣ ଆଫ୍ରିକାର ଲମ୍ବା ଟେଷ୍ଟ କ୍ୟାଲେଣ୍ଡର ରହିଛି। ଅଷ୍ଟ୍ରେଲିଆ ସହିତ ୩ଟି, ବାଂଲାଦେଶ ସହ ୨ଟି, ଇଂଲଣ୍ଡ ସହ ୩ଟି ଏବଂ ୨୦୨୭ରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ତେଣୁ ଭାରତ ବିପକ୍ଷ ସିରିଜ ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ରିଷଭ ପନ୍ତ ଆଘାତଜନିତ ସମସ୍ୟାରୁ ମୁକୁଳି ସିଧାସଳଖ ଟିମ୍ ଇଣ୍ଡିଆର ଉପଅଧିନାୟକ ହୋଇଛନ୍ତି। ଧ୍ରୁବ ଜୁରେଲ ଟିମ୍‌ରେ ରହୁଥିବାରୁ ଭାରତୀୟ ଦଳରେ ଲୋକେଶ ରାହୁଲଙ୍କୁ ମିଶାଇଲେ ୩ଜଣ ଉଇକେଟକିପର ରହିଛନ୍ତି। ଅଧିନାୟକ ଶୁଭମନ ଗିଲ୍ ୪ନଂ. ସ୍ଥାନରେ ବ୍ୟାଟିଂ କରିପାରନ୍ତି। ସାଇ ସୁଦର୍ଶନ ୩ନଂ. ସ୍ଥାନରେ ଖେଳିବାକୁ ଥିବାବେଳେ ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଓପନିଂ କରିବେ। ୨ଟି ଟେଷ୍ଟରେ ଭାରତ ୩ଜଣ ଲେଖାଏ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଦ୍ରୁତ ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳରେ ସାମିଲ ହେବେ। ସ୍ପିନ୍‌କୁ ସହାୟତା କରୁଥିବା ୨ଟି ଭେନ୍ୟୁରେ ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଏବଂ ୱାଶିଂଟନ ସୁନ୍ଦର କମାଲ କରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ, ସିମନ ହାର୍ମର ଓ ସେନୁରାନ ମୁଥୁସାମି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବେ।

ସେହିପରି ହ୍ୱାଇଟ ବଲ୍ ଫର୍ମାଟରେ ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ଅନୁଷ୍ଠିତ ହେବ। ଏଥିରେ ଘରୋଇ ମାଟିରେ ଭାରତୀୟ ଦଳର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିବ ବୋଲି ଆଶା କରାଯାଉଛି। ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରୁଥିବା ବେଳେ କେବଳ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତାଜନକ ରହିଛି। ଏକଦିବସୀୟ ମ୍ୟାଚରୁ ଫଳାଫଳ ଦୃଷ୍ଟିକୋଣରୁ ଭାରତଠାରୁ ସାଉଥ ଆଫ୍ରିକା ଆଗରେ ରହିଛି। ଉଭୟ ଦେଶ ମଧ୍ୟରେ ମୋଟ ୯୪ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ସାଉଥ ଆଫ୍ରିକା ୫୧ଟି ମ୍ୟାଚରେ ବିଜୟୀ ହୋଇଛି। ଭାରତ ୪୦ଟି ମ୍ୟାଚରେ ବିଜୟୀ ହୋଇଛି ଓ ୩ଟି ମ୍ୟାଚରୁ ଫଳାଫଳ ମିଳିନାହିଁ। ଭାରତ ୧୨ଟି ସିରିଜରେ ବିଜୟୀ ହୋଇଛି। ଏବେ ଭାରତ ନିକଟରେ ଆଇସିସି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ଖେଳାଳି ଓ ଅଲ୍‌ରାଉଣ୍ଡରମାନେ ରହିଛନ୍ତି। ଅଭିଷେକ ଶର୍ମା, ରବୀନ୍ଦ୍ର ଜାଡେଜା, ବୁମରା, ଜୟସ୍ୱାଲ, ଗିଲ୍, ତିଲକ ବର୍ମା, ରିଷଭ ପନ୍ତ, ବରୁଣ ଚକ୍ରବର୍ତ୍ତୀଙ୍କ ପରି ଖେଳାଳିଙ୍କ ସାମ୍ନା କରିବା ଦକ୍ଷିଣ ଆଫ୍ରିକା ପାଇଁ ଏତେ ସହଜ ହେବନାହିଁ।

ଉଭୟ ଦେଶର ଟି୨୦ ରେକର୍ଡରେ କିନ୍ତୁ ଭାରତ ଆଗୁଆ ରହିଛି। ଉଭୟ ଦଳ ପରସ୍ପର ସହିତ ୩୧ଟି ଟି୨୦ ଖେଳିଥିବା ବେଳେ ଭାରତ ୧୮ଟିରେ ବିଜୟୀ ହୋଇଛି ଏବଂ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଆଗାମୀ ୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଖେଳିବାକୁ ଥିବା ୧୦ଟି ଟି୨୦ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱ ବହନ କରିବ।



କେଶବ ମହାରାଜ



ୱାଶିଂଟନ ସୁନ୍ଦର

ଅକ୍ଷର ପଟେଲ

ସିମନ ହାର୍ମର

## ଆଡିଭ୍‌ମେଣ୍ଟ

ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ
ପୁଣି ସେ ସାତ୍ତ୍ୱିକ ସ୍ୱାଇଁ
ଗୁରୁଗ୍ରାମଠାରେ ଅଣ୍ଡର ନାଇନ
ଓପନ ଚେସ୍‌ରେ ଡେଇଁ
ନୂଆ ସଫଳତା ପାଇ
ଫିଡେ କ୍ୟାଣ୍ଡିଡେଟ୍ସ ମାଷ୍ଟର୍ସ ଟାଇଟଲ
ହାସଲ କରିଛି ସେଇ।



ଦୃଷ୍ଟିହୀନ ଲେଡି ୱାର୍ଲ୍ଡକପ୍ କ୍ରିକେଟରେ
ବିଜୟରୁ ଅଭିଯାନ
ଲଙ୍କାପରେ ଅଷ୍ଟ୍ରେଲିଆ ଟିମ୍‌ଠାରେ
ଇଣ୍ଡିଆ ମାରିଛି ଚୂନ
କିଏ ହେବ ଚାମ୍ପିୟନ
ନେପାଳ ସହିତ ଭାଗ ନେଉଛନ୍ତି
ଆମେରିକା, ପାକିସ୍ତାନ।

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା
କରିଲାଣି ଲୋକହସା
ଉତ୍ତର ପ୍ରଦେଶ, ବରୋଦା, ବିଦର୍ଭ
ଆନ୍ଧ୍ରଠୁ ଖାଇଲା ଠେସା
ଯେସାକୁ ରହିଛି ତେସା
କର୍ମୀ ସଫଳତା ପାଉଥିବାବେଳେ
ଲେଜି ବସି ମାରେ ମଶା।

–ସୁବାସ ଚନ୍ଦ୍ର ପ୍ରଧାନ

# ଟିଲୋ କପ୍ : ଏକ ଆନ୍ଦୋଳନ

**ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଓଡ଼ିଶା କ୍ରୀଡ଼ାର ଏକ ମାଇଲଖୁଣ୍ଟ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଯତ୍ନବାନ୍ ହେବା ସହ ଷ୍ଟାଡିୟମର ଉନ୍ନତି ଏବଂ ଟୁର୍ନାମେଣ୍ଟର ବିଶେଷତ୍ୱ ଯେପରି ବଢ଼ିବ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ସମୟ ଅନୁସାରେ ଇତିହାସ ସୃଷ୍ଟି ହୁଏ, ଏ କ୍ଷେତ୍ରରେ ଟିଲୋ କପ୍ ଓଡ଼ିଶା କ୍ରୀଡ଼ା ପାଇଁ ଇତିହାସ ରଚୁଛି କହିଲେ ଅତ୍ୟୁକ୍ତି ହେବନାହିଁ...** –ତପନ ସ୍ୱାଇଁ




ଓଡ଼ିଶାରେ ଏବେ ଏକାଧିକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ହକି ବିଶ୍ୱକପ୍‌ଠାରୁ ଆରମ୍ଭକରି ଏଠାରେ ଅନେକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହୋଇସାରିଛି। ନିକଟରେ ଏକା ବେଳକେ ୩ଟି ବଡ଼ ଇଭେଣ୍ଟ (ଟେନିସ୍, ଟେବୁଲ ଟେନିସ୍, ଆଥ୍‌ଲେଟିକ୍ସ) ଆୟୋଜନକରି ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ମାତ୍ର ଏହି ଆଲେଖ୍ୟରେ ଏପରି ଏକ ଷ୍ଟାଡିୟମ ଏବଂ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଉଛି ଯେଉଁଠି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ନାମୀଦାମୀ ଖେଳାଳି ଖେଳି ସାରିଥିଲେ ହେଁ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। କୌଣସି ବେସରକାରୀ ସଂସ୍ଥାରୁ ମଧ୍ୟ ସହଯୋଗର ହାତ ପହଞ୍ଚିନାହିଁ। ଏହା ସତ୍ତ୍ୱେ ଗ୍ରାମାଞ୍ଚଳ ଲୋକଙ୍କ ଉତ୍ସାହ ଉଦ୍ଦୀପନା ଏବଂ କେତେଜଣ ଉତ୍ସାହୀ କର୍ମକର୍ତ୍ତାଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହି ପଡ଼ିଆ ଏବଂ ଟୁର୍ନାମେଣ୍ଟ ଏବେ ଦେଶ ବିଦେଶର ଖେଳାଳିଙ୍କ ପାଇଁ ସ୍ମରଣୀୟ ହୋଇଯାଇଛି। ଏଠାରେ ଆଲୋଚନା ହେଉଛି ଭଦ୍ରକ ଜିଲାର ଟିଲୋ ଗ୍ରାମପଞ୍ଚାୟତରେ ଥିବା ଏକ ଖେଳ ପଡ଼ିଆ ଏବଂ ଆୟୋଜନ ହେଉଥିବା ରାଜ୍ୟର ଅନ୍ୟତମ ସମ୍ମାନଜନକ ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ। ଓଡ଼ିଶାର ଗ୍ରାମୀଣ ମାଟିର ଶାନ୍ତ ଉପକୂଳରେ, ସହରୀ ଷ୍ଟାଡିୟମର ଆଲୋକ ଓ ସରକାରୀ ସମର୍ଥନଠାରୁ ଢେର ଦୂରରେ ଗତ ୩ଦଶନ୍ଧି ଧରି ନିରବଚ୍ଛିନ୍ନଭାବେ ଆୟୋଜିତ ହେଉଛି ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ। ଏହା କେବଳ ଏକ ଟୁର୍ନାମେଣ୍ଟ ନୁହେଁ, ଏହା ହେଉଛି ସଂଘର୍ଷ, ସମୁଦାୟ ଓ ସୁଚିନ୍ତିତ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ଅଦମ୍ୟ ଆସ୍ଥାର କାହାଣୀ। ଏହା ଏକ ଆନ୍ଦୋଳନ, ଏକ ମୂଲ୍ୟବୋଧ, ଯେଉଁଠି ମନ, ପରିଶ୍ରମ ଓ ସାମୂହିକ ସଂକଳ୍ପ ଏକ ଗାଁକୁ ଜାତୀୟ ସ୍ତରକୁ ନେଇଯାଇଛି। ଗ୍ରାମୀଣ ମାଟିରେ ଯେ ଖେଳ ଜୀବନ୍ତ ରହିପାରେ ଏହା ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ।

**ସଂଘର୍ଷରୁ ମିଳିଥିବା ଗୌରବ:** ଟିଲୋ କପ୍ ଏପରି ଏକ ଟୁର୍ନାମେଣ୍ଟ ଯାହାକି ଦେଶର ଶ୍ରେଷ୍ଠ ଦଳ ଓ ଖେଳାଳିମାନଙ୍କୁ ଆକର୍ଷଣ କରିପାରୁଛି। ଭାରତୀୟ ରେଲୱେ, ଭାରତୀୟ ଡାକସେବା, ବିଏସ୍ଏନ୍ଏଲ୍, ସିଏଜି, ଏୟାର ଇଣ୍ଡିଆ, ଟାଟା ସ୍ପୋର୍ଟ୍ସ କ୍ଲବ୍, ଇଣ୍ଡିଆନ୍ ଅଏଲ୍, ଇଣ୍ଡିଆନ୍ ନେଭି, ସର୍ଭିସେସ୍ ଓ କାନାରା ବ୍ୟାଙ୍କ ଭଳି ପ୍ରସିଦ୍ଧ ଦଳ ଏଠାରେ ଖେଳିଛନ୍ତି, ଯେଉଁ ଦଳଗୁଡ଼ିକରେ ଖ୍ୟାତିସମ୍ପନ୍ନ ଖେଳାଳିମାନେ ଖେଳିଥାନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ଯଶ୍ ଧୁଲ୍, ଇଶାନ କିଶନ୍, କେ. ଗୋଥାମ୍, ଭରତ ଚିପ୍‌ଲି, ପଲ୍ ଭାଲଥାଟି, ପ୍ରଭୀନ୍ ଟାମ୍ବେ, ଆଦିତ୍ୟ ତାରେ, ହ୍ରିତିକ୍ ଶୋକିନ୍, ସିଦ୍ଧାର୍ଥ ତ୍ରିବେଦୀଙ୍କ ଭଳି ଦେଶର ପ୍ରତିଷ୍ଠିତ ଖେଳାଳିଙ୍କ ସହ ଆଫଗାନିସ୍ତାନର ମହମ୍ମଦ ନବି, ବାଂଲାଦେଶର ଜହରୁଲ ଇସ୍‌ଲାମ୍, ଧିମାନ ଘୋଷ, ମେହେନ୍ଦି ମାରୁଫ, ମେହେନ୍ଦି ହାସନ୍ ମଧ୍ୟ ଏହି ଟିଲୋ କପ୍‌ରେ ଅଂଶଗ୍ରହଣ କରି ସାରିଛନ୍ତି।

ସ୍ୱପ୍ନର ମଇଦାନ, ସଂକଳ୍ପରେ ନିର୍ମିତ ଟିଲୋ ପଡ଼ିଆରେ ଅଛି ବଲାଙ୍ଗୀରର କଳା ମାଟିରୁ ତିଆରି ଦୁଇଟି ଟର୍ଫ ଉଇକେଟ୍ ଓ ସବୁଜ ଘାସର ଆଉଟ୍‌ଫିଲ୍ଡ, ଯାହା ସମ୍ପୂର୍ଣ୍ଣ ଭାବେ ଟିଲୋ କ୍ରୀଡ଼ା ସଂସଦର ସଦସ୍ୟମାନଙ୍କ ଅନୁଦାନରେ କରାଯାଇଛି। ମାତ୍ର ଦୁଃଖ ଲାଗେ ଯେ ଏହି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଏତେ ବଡ଼ ନାମୀଦାମୀ ଖେଳାଳି ଆସିବା ସତ୍ତ୍ୱେ ଏଠାରେ ନା ଅଛି ପ୍ଲେୟର୍ସ ଡ୍ରେସିଂ ରୁମ୍, ଦର୍ଶକ ଗ୍ୟାଲେରି, ପାଣି ପାଇଁ ଡ୍ରେନେଜ୍ ସିଷ୍ଟମ, ପ୍ରାକ୍ଟିସ୍ ଉଇକେଟ ନା ବାଉଣ୍ଡରି।

**ଗାଁ ପଡ଼ିଆରୁ ଜାତୀୟ-ଅନ୍ତର୍ଜାତୀୟ ମଞ୍ଚ:** ଟିଲୋ କପ୍‌ର ଯାତ୍ରା ଆରମ୍ଭ ହୋଇଥିଲା ୧୯୯୦ରେ, ଯେତେବେଳେ ପ୍ରତିଷ୍ଠାତା ସଭାପତି ଦିବଂଗତ ରମେଶ ଚନ୍ଦ୍ର ସ୍ୱାଇଁ ଓ ତତ୍କାଳୀନ ସମ୍ପାଦକ ମନ୍ମଥ ରାଉଳ ଆଉ କେତେଜଣ ଉଦ୍ୟୋକ୍ତାଙ୍କ ସହ ସ୍ୱପ୍ନ ଦେଖିଥିଲେ ଏକ ପ୍ରତିଯୋଗିତାପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ। କାରଣ ସେତେବେଳେ ସାରା ଦେଶରେ ୧୯୮୩ ବିଶ୍ୱକପ ବିଜୟର ନିଶା ଘାରିଥିଲା ଇଂଲଣ୍ଡର ଲର୍ଡ୍ସଠାରୁ ଟିଲୋ ପର୍ଯ୍ୟନ୍ତ। ସେହି ସ୍ୱପ୍ନରୁ ମାନସ ସନ୍ତାନରୂପେ ଜନ୍ମନେଲା ଟିଲୋ କପ୍, ଯାହାକି ପ୍ରଥମେ ପ୍ରଦୀପ ସ୍ମାରକୀ ନାମରେ ପରିଚିତ ଥିଲା। ୨୦୨୬ ଜାନୁଆରୀରେ ଟିଲୋ କପ୍‌ର ୩୦ତମ ସଂସ୍କରଣ ପାଳନ ପାଇଁ ପ୍ରସ୍ତୁତ ହେଉଛି ଭଦ୍ରକ ଜିଲା ଟିଲୋ ଗ୍ରାମପଞ୍ଚାୟତର ଏହି ଖେଳ ପଡ଼ିଆ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ହେଉ କିମ୍ବା ଓଡ଼ିଶା କ୍ରିକେଟ ଆସୋସିଏଶନ, ଭଦ୍ରକ ଜିଲା ପ୍ରଶାସନ କେହି ଗ୍ରାମବାସୀଙ୍କ ଏହି ଅଭିଯାନକୁ ସମର୍ଥନ ନ ଦେବା ଆୟୋଜକଙ୍କୁ ନିରାଶ କରିଛି। ଗାଁ ଲୋକଙ୍କ ଉତ୍ସାହ ଓ ସମର୍ପଣ ଭାବ ଟୁର୍ନାମେଣ୍ଟକୁ ଉଜ୍ଜୀବିତ ରଖିପାରିଛି।

**ଆଧୁନିକ ଟିଲୋ କପ୍‌ର ଉଦ୍ୟୋକ୍ତା:** ଆଧୁନିକ ଟିଲୋ କପ୍‌ର ପ୍ରମୁଖ ଉଦ୍ୟୋକ୍ତା ହେଲେ ଲକି ସ୍ୱାଇଁ। ପେସାରେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ଖେଳ ପ୍ରତି ଭରି ରହିଛି ଅସରନ୍ତି ଭଲପାଇବା। ଏବେ ସେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି। ତାଙ୍କ ଦୂରଦୃଷ୍ଟି, ଯୋଜନା ଓ କ୍ରୀଡ଼ା ପ୍ରେମ ଟିଲୋକୁ ଏକ ସାଧାରଣ ଟୁର୍ନାମେଣ୍ଟରୁ ଆଣି ଅନ୍ତର୍ଜାତୀୟ ମାନ୍ୟତା ଦେବାରେ ସକ୍ଷମ ହୋଇଛି।

୨୦୨୫ ଟିଲୋ କପ୍‌ରେ ଆସିଥିଲା ଏକ ବିପ୍ଳବ। ବିଶ୍ୱର ସବୁଠାରୁ ଅଧିକ ଦର୍ଶକ କ୍ରିକେଟ ଦେଖୁଥିବା ଓଟିଟି ଚ୍ୟାନେଲ ଫ୍ୟାନ୍‌କୋଡ୍‌ରେ ଲାଇଭ୍ ହୋଇଥିଲା ଏହି ପ୍ରତିଯୋଗିତା। ବିଶ୍ୱର ଏକ ପ୍ରତିଷ୍ଠିତ କ୍ରୀଡ଼ା ବିଶ୍ଳେଷଣ ସଂସ୍ଥା ଲଣ୍ଡନ ସ୍ଥିତ ସ୍ପୋର୍ଟ୍ସରଡାର ଦ୍ୱାରା ମ୍ୟାଚ ବିଶ୍ଳେଷଣ ଓ କ୍ରିକ୍‌ହିରୋଜ ଦ୍ୱାରା ସ୍କୋର ଡାଟା ପରିଚାଳନା ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା। ଟିଲୋ କପ୍‌ର ଗତ ସଂସ୍କରଣରେ ଖେଳିଥିଲେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଯଶ ଧୁଲ୍‌ଙ୍କ ସହିତ ଆଉ ୩ଜଣ ଖେଳାଳି। ୧୫ରୁ ଅଧିକ ଆଇପିଏଲ୍ ଶ୍ରେଣୀର ଖେଳାଳି ମଧ୍ୟ ଅଂଶଗ୍ରହଣ କରିଥିଲେ। ତେଣୁ ଏହା କୌଣସି ଜାତୀୟ ଟୁର୍ନାମେଣ୍ଟଠାରୁ କମ୍ ନ ଥିଲା। ଖୋଲା ପଡ଼ିଆରେ ପ୍ରତିଦିନ ୧୦,୦୦୦ରୁ ଅଧିକ ଦର୍ଶକ ଟେଣ୍ଟ ଓ ଗଛଛାୟା ତଳେ ବସି ଯେପରି ଉତ୍ସାହର ସହ ଖେଳ ଦେଖିଥିଲେ ତାହା ୧୯୮୩ ମସିହାର ବିଶ୍ୱକପ୍ ଉତ୍ସାହକୁ ଓ ନ୍ୟୁଜିଲାଣ୍ଡ ଖୋଲା ମଇଦାନ ଖେଳ ସଂସ୍କୃତିକୁ ମନେ ପକାଇ ଦେଇଥିଲା। ଦିଲ୍ଲୀର ସାପିଏନ୍ସ ଦଳ ଏଥିରେ ଚାମ୍ପିୟନ ହୋଇଥିଲା।

"ସହରରେ ଯେଉଁଠି କ୍ରିକେଟ ଲିଗ୍ ଚାଲିବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୁଏ ସେ କ୍ଷେତ୍ରରେ ଟିଲୋ ଦେଖାଇଛି ଯେ ସଂକଳ୍ପ, ପ୍ରେମ ଓ ପରିଶ୍ରମ ରହିଲେ ଅସମ୍ଭବ କିଛି ନୁହେଁ" ବୋଲି ସରପଞ୍ଚ ସଂଗ୍ରାମ ଜେନା ପ୍ରକାଶ କରିଛନ୍ତି। ଗ୍ରାମରୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯାଇଥିବା ଏହି ସଂଘୀୟ ସ୍ୱପ୍ନକୁ ସଂଗ୍ରାମ ପ୍ରଶଂସା କରିବା ସହ ନିଜ ଗ୍ରାମପଞ୍ଚାୟତ ପାଣ୍ଠିରୁ କିଛି ଅନୁଦାନ ଯୋଗାଇଛନ୍ତି ଏହାର ରକ୍ଷଣାବେକ୍ଷଣ ପାଇଁ। ଟିଲୋକୁ ଏକ କ୍ରୀଡ଼ା ଷ୍ଟାଡିୟମ ଭାବେ ଅନୁମୋଦନ ଦେବାକୁ ସେ ଅନୁରୋଧ କରିଛନ୍ତି। ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନର ଉପଦେଷ୍ଟା ଡ. ମନ୍ମଥ ରାଉଳ କହିଛନ୍ତି, "ସରକାର ଯୋଜନା କରୁଛନ୍ତି ଖେଳ ସମସ୍ତଙ୍କ ପାଇଁ, ମାତ୍ର ଯୋଜନା ବାସ୍ତବତାଠାରୁ ଅନେକ ଦୂରରେ, ଏହା ପ୍ରତିଫଳନ ହେଉଛି ଟିଲୋ ଠାରେ"। ସେହିପରି ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ କହିଛନ୍ତି, "ଯେଉଁଠି ଦୃଢ଼ ସଂକଳ୍ପ ଓ ଖେଳ ପ୍ରତି ପ୍ରେମ ଗାଁକୁ ଜାତୀୟ ପରିଚୟ ଦେଇପାରେ ତାହାକୁ ଦେଶର ଏକ ମଡେଲ ପ୍ରେରଣାଦାୟକ ସ୍ପୋର୍ଟ୍ସ ହବ୍ ଭାବେ ଉନ୍ନତ କରାଯିବା ଆବଶ୍ୟକ"।

**ଦୃଢ଼ ଇଚ୍ଛାଶକ୍ତିର ଫଳ:** "ଗ୍ରାମାଞ୍ଚଳରେ ଏତେବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଏହା ସମ୍ପୂର୍ଣ୍ଣ ଭାବେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ଦୃଢ଼ ଇଚ୍ଛାଶକ୍ତିର ଫଳ। ସରକାରୀ ଅନୁଦାନଙ୍କୁ ଅପେକ୍ଷା ନ କରି ଗ୍ରାମର ଗୌରବକୁ ଆଜି ସାରା ଦେଶରେ ପରିଚିତ କରାଇ ପାରିଥିବାରୁ ଟିଲୋବାସୀଙ୍କୁ ଧନ୍ୟବାଦ୍।"

*–ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ଓ ରଣଜୀ ଖେଳାଳି*

**୧୫ ଏକରରୁ ଅଧିକ ସ୍ଥାନ–** "ବର୍ଷ ବର୍ଷ ଧରି ଏକ ଜାତୀୟ ସ୍ତରର ଖେଳ ହେଉଥିବାରୁ ଟିଲୋ ଲୋକମାନେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଠାରେ ପାଖାପାଖି ୧୫ ଏକରରୁ ଅଧିକ ଜମି ରହିଛି। କ୍ରିକେଟ ବ୍ୟତୀତ ଏଠାରେ ରାଜ୍ୟସ୍ତରୀୟ ରଗ୍‌ବୀ, ସ୍କୁଲ ସ୍ତରୀୟ ଖେଳକୁଦ, ଖୋ ଖୋ ଆଦି ପ୍ରତିଯୋଗିତା ବି ହେଉଛି। ତେଣୁ ସରକାର ଯଥାଶୀଘ୍ର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ"।

*–ସଞ୍ଜୟ କେଶରୀ ସ୍ୱାଇଁ, ପୂର୍ବତନ ଜିଲା ନ୍ୟାୟାଧୀଶ*

**ଦୁଃଖ ଲାଗୁଛି : ସତ୍ୟପ୍ରକାଶ–** "ମୁଁ ୨୦୦୩ରେ ଟିଲୋ ଦେଖିଥିଲି, ଧୋନୀଙ୍କ ସହ ଆମେ ରେଲୱେ ଟିମ୍‌ରୁ ଖେଳିବାକୁ ଆସିଥିଲୁ। ଏଭଳି ଏକ କ୍ରୀଡ଼ାନୁଷ୍ଠାନ ପ୍ରତି ସରକାରଙ୍କ ଅବହେଳା ଦେଖି ଦୁଃଖ ଲାଗୁଛି। ଯଦି ୨୨ ବର୍ଷ ମଧ୍ୟରେ ଟିଲୋ ଭଳି ଏକ ଖ୍ୟାତିସମ୍ପନ୍ନ ଅନୁଷ୍ଠାନର କ୍ରୀଡ଼ା ଭିତ୍ତିଭୂମି ଉନ୍ନତି ହୋଇପାରିଲା ନାହିଁ, ତେବେ ୨ ଦଶନ୍ଧିରେ ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା କ'ଣ ହାସଲ କରିଛି ତାହା ସହଜରେ ଅନୁମେୟ। ପ୍ରକୃତରେ ମୁଁ ଅତ୍ୟନ୍ତ ଦୁଃଖିତ।"

*–ଏମ୍.ଏସ୍. ଧୋନୀଙ୍କ କ୍ରିକେଟ ସାଥୀ ସତ୍ୟପ୍ରକାଶ କ୍ରିଷ୍ଣା (୨୦୦୩ରେ ଟିଲୋରେ ଖେଳିଥିଲେ)*




ପୂର୍ବ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ଦିଲ୍ଲୀର ସାପିଏନ୍ସ ଦଳର ଅଧିନାୟକ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ